
Bhubaneswar- 8 June 2026
ଭୁବନେଶ୍ୱର- ୮ ଜୁନ୍ ୨୦୨୬
Vol- 1 Issue - 42
ଭାଗ- ୧ ସଂଖ୍ୟା- ୪୨
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




# ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ସ୍ତ୍ରୀ !

## କନଷ୍ଟେବଲଙ୍କ ବୟାନର ଭିଡିଓ ଭାଇରାଲ



**ବ୍ରହ୍ମପୁର :** ଏମଭି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କୁ ତାଙ୍କ ସ୍ତ୍ରୀ ଓ ଶାଳକ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସେ ଦେଇଥିବା ବୟାନର ଭିଡିଓ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆ କହିଛନ୍ତି ଯେ ସେ ତାଙ୍କ ସ୍ତ୍ରୀଙ୍କ ସରକାରୀ ବାସଭବନକୁ ଯାଇଥିଲେ। ସେଠାରେ ତାଙ୍କ ସ୍ତ୍ରୀ ଓ ଶାଳକ ତାଙ୍କ ଉପରେ ପେଟ୍ରୋଲ ଢାଳି ଦେଇଥିଲେ। ସେ ଦୌଡ଼ି ପଳାଇ ଆସୁଥିବା ବେଳେ ସେମାନେ ଦିଆସିଲ ମାରି ଦେଲେ। ଏହା ପରେ ସେ ଦୌଡ଼ି ଯାଇ ଜଣଙ୍କ ଘରକୁ ପଶି ଯାଇଥିଲେ। ସେହି ଘରର ଲୋକେ ତାଙ୍କ ଉପରେ ପାଣି ଢାଳି ଦେବାରୁ ନିଆଁ ଲିଭି ଯାଇଥିଲା। ଏହା ପରେ ଆମ୍ବୁଲାନ୍ସ ଆସି ତାଙ୍କୁ ଉଦ୍ଧାର କରିଥିଲା। ଆଶୁତୋଷଙ୍କ ମା’ ଓ ଭଉଣୀ କହିଛନ୍ତି ଯେ ଭାଉଜ ପୁଲିସ କନଷ୍ଟେବଲ ହୋଇଥିବାରୁ ନ୍ୟାୟ ମିଳିବା ନେଇ ସନ୍ଦେହ ଉପୁଜିଛି। ସିବିଆଇ ତଦନ୍ତ କରାଯାଉ। ପୂର୍ବରୁ ବି ପୁଲିସ ତା’ କଥା ନଶୁଣି ତାକୁ ଗିରଫ କରିଥିଲା। ଯଦି ଏହି ଘଟଣାରେ ସନ୍ଧ୍ୟା ନାୟକଙ୍କ ସମ୍ପୃକ୍ତି ନାହିଁ, ତା’ହେଲେ କାହିଁକି ସେ ମେଡିକାଲ ଆସୁ ନାହାନ୍ତି। ଏହା ସହିତ ଆଶୁତୋଷଙ୍କ ଭଉଣୀ କହିଛନ୍ତି ଯେ ଭାଇଙ୍କ ଅବସ୍ଥା ଭଲ ନାହିଁ। ନିଆଁ ଲାଗିଯିବା ଯୋଗୁ ତାଙ୍କ ଶରୀରର ୯୦% ପ୍ରଭାବିତ ହୋଇଥିବା ଡାକ୍ତର କହିଛନ୍ତି। ଅନ୍ୟପକ୍ଷରେ ଆଶୁତୋଷଙ୍କ ପତ୍ନୀ ତଥା କନଷ୍ଟେବଲ ସନ୍ଧ୍ୟାରାଣୀ ନାୟକଙ୍କ ସହିତ ଯୋଗାଯୋଗ କରାଯିବାରେ ସେ ଏହି ଅଭିଯୋଗ ନେଇ ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି। ସୂଚନା ଅନୁଯାୟୀ, ଆଶୁତୋଷ ଓ ସନ୍ଧ୍ୟାରାଣୀ ୨୦୨୫ ଫେବୃଆରୀ ମାସରେ ବିବାହ କରିଥିଲେ। ସେମାନେ ପ୍ରେମ ବିବାହ କରିଥିଲେ। ବାହାଘର ପରେ ସେମାନେ ବିଜିପୁର ପୁଲିସ୍ କ୍ୱାର୍ଟର୍ସରେ ରହୁଥିଲେ। ସନ୍ଧ୍ୟାରାଣୀଙ୍କ ଯୌତୁକ ନିର୍ଯାତନା ଓ ହତ୍ୟା ଉଦ୍ୟମ ଅଭିଯୋଗରେ ପୂର୍ବରୁ ଆଶୁତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଶୁକ୍ରବାର (ଜୁନ୍ ୫) ସନ୍ଧ୍ୟାରେ ଆଶୁତୋଷ ବିଜିପୁର ସ୍ଥିତ ତାଙ୍କ ପତ୍ନୀଙ୍କ କ୍ୱାର୍ଟର୍ସକୁ ଯାଇଥିବା ବେଳେ ଘଟିଥିଲା ଏହି ଘଟଣା। ଭୁବନେଶ୍ୱର ସ୍ଥିତ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ସେଦିନ ସନ୍ଧ୍ୟାରାଣୀଙ୍କ କ୍ୱାର୍ଟର୍ସରେ କ’ଣ ଘଟିଲା, ତାହା ଜଣାପଡ଼ିନି। ପୁଲିସର ତଦନ୍ତ ପରେ, ତାହା ଜଣାପଡ଼ିବ। ବ୍ରହ୍ମପୁର ଏସ୍‌ପି କହିଛନ୍ତି, ଆଶୁତୋଷଙ୍କ ପତ୍ନୀ ଓ ଶାଳକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେମାନଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଜରିଆରେ ପ୍ରମାଣ ସଂଗ୍ରହ କରାଯାଉଛି। ଆବଶ୍ୟକ ପଡ଼ିଲେ ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ସହଯୋଗ ଲୋଡ଼ିବୁ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଆଶୁତୋଷଙ୍କ ବୟାନ ରେକର୍ଡ କରାଯାଇଛି।

## ‘ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ’ର ଭିତ୍ତିପ୍ରସ୍ତର ସ୍ଥାପନ

# ପ୍ରତି ପଞ୍ଚାୟତରେ ଖୋଲିବ ଆଦର୍ଶ ପ୍ରାଥମିକ ସ୍କୁଲ

- ୨୦୨୯ ସୁଦ୍ଧା ପ୍ରତିଷ୍ଠା ହେବ ୨୨ଶହ ସ୍କୁଲ
- ଶିକ୍ଷାର ମୂଳଦୁଆ ପ୍ରାଥମିକ ବିଦ୍ୟାଳୟ
- ଦ୍ୱିତୀୟ ପର୍ଯ୍ୟାୟରେ ୩୦ ଜିଲ୍ଲାର ୨୦୪ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ
- ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ
- ୧୨ ହଜାର କୋଟି ଟଙ୍କାରେ ରାଜ୍ୟବ୍ୟାପୀ ନିର୍ମାଣ ହେବ ୨୨୦୦ ଆଦର୍ଶ ବିଦ୍ୟାଳୟ




**ଭୁବନେଶ୍ୱର :** ପଞ୍ଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, ‘ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ’ ଗୁଡିକ ମଧ୍ୟ ସେହିପରି ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ମୂଳଦୁଆ ଯେତିକି ସୁଦୃଢ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ। ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବାତାବରଣ ସୁଦୃଢ ଏବଂ ସଂଗଠିତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ। ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିଛି। ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ। ଉଷସକ୍ଷୟ ଝକ୍ସବମଳସଭଶ ଝଙ୍କକ୍ସଙ୍ଗରଛ ଓ ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଇପାରୁଛି। ଆମର ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ କେବଳ ଶିକ୍ଷାର ଭିତ୍ତିଭୂମିକୁ ସଦୃଢ କରିବ ନାହିଁ, ବରଂ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଧିକା, ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ନୂଆପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ।

## ଟ୍ରକ ଚକା ତଳେ ଚାଲିଗଲା ବାପା-ଝିଅଙ୍କ ଜୀବନ

**ସୋର :** ବାଇକରେ ଯାଉଥିଲେ ବାପା-ଝିଅ। ହଠାତ ଏକ ଟ୍ରକ ଆସି ଧକ୍କା ଦେଲା। ଟ୍ରକ ଚକା ତଳେ ଚାପି ହୋଇ ଚାଲିଗଲା ବାପା-ଝିଅଙ୍କ ଜୀବନ। ୧୬ ନଂ ଜାତୀୟ ରାଜପଥ ଉତ୍ତରେଶ୍ୱରଠାରେ ଘଟିଛି ଦୁର୍ଘଟଣା। ବାପା-ଝିଅ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ମନୋଜ ଦାସ ଓ ତାଙ୍କ ୭ ବର୍ଷୀୟ ଝିଅ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ମନୋଜ ଦାସ ଓ ତାଙ୍କ ୭ ବର୍ଷୀୟ ଝିଅ ସହିତ ବାଲେଶ୍ୱରରୁ ବାଇକ ଯୋଗେ ଫେରୁଥିଲେ। ଉତ୍ତରେଶ୍ୱରଠାରେ ଏକ ଟ୍ରକ ଆସି ବାଇକକୁ ଧକ୍କା ଦେଇଥିଲା। ଟ୍ରକ ଚକା ତଳେ ବାପା –ଝିଅ ଚାପି ହୋଇ ଯାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବାଲେଶ୍ୱର ଭୁବନେଶ୍ୱର ରାଜପଥ କିଛି ସମୟ ବନ୍ଦ ରହିଥିଲା । ସୋର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଛେଦ ପାଇଁ ସୋର ଡାକ୍ତରଖାନା ପଠାଇଥିଲା। ପୁଲିସ ଟ୍ରକକୁ ଜବତ କରିଛି ।

# ପିକ୍‌ନିକ୍ କରିବାକୁ ଯାଇ ଭାସିଗଲେ ଛାତ୍ର





**ବୁର୍ଲା :** ପିକ୍‌ନିକ୍ କରିବାକୁ ଯାଇଥିବା ବେଳେ ଘଟିଛି ଏକ ଅଭାବନୀୟ ଘଟଣା। ପାଣିରେ ବୁଡ଼ି ଜଣେ ମେଧାବୀ ଛାତ୍ର ନିଖୋଜ ହୋଇଯାଇଥିବା ଖବର ହସ୍ତଗତ ହୋଇଛି। ନିଖୋଜ ଛାତ୍ର ଜଣକ ହେଉଛନ୍ତି ସ୍ୱସ୍ତିକ ପାଢ଼ୀ(୧୬)। ମିଳିଥିବା ସୂଚନା ମୁତାବକ, ସ୍ୱସ୍ତିକ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ କଲେଜରେ ଯୁକ୍ତ ୨ ପଢୁଥିଲେ। ଛୁଟି ହେବାରୁ ସେ ସମ୍ବଲପୁର ବୁଢ଼ାରଜା ସହଯୋଗନଗର ନିଜ ଘରକୁ ଆସିଥିଲେ। ତେବେ ସମ୍ବଲପୁରରେ ସେ ପୂର୍ବରୁ ପଢୁଥିବା ନିଜ ଟିଉସନ ଶିକ୍ଷକ ଏବଂ ଅନ୍ୟ କିଛି ସାଙ୍ଗମାନଙ୍କ ସହ ପାୱାର ଚ୍ୟାନେଲ ପାର୍ଶ୍ୱସ୍ଥ ଅଠରହଜାରକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ସେଠାରେ ପାୱାର ଚ୍ୟାନେଲରେ ଗାଧୋଉଥିବା ସମୟରେ ସମ୍ଭବତଃ ଅସାବଧାନତା ହେତୁ ଗୋଡ଼ ଖସିଯିବାରୁ ପାଣିର ପ୍ରଖର ସ୍ରୋତରେ ସେ ଭାସି ଯାଇଛନ୍ତି। ଖବର ପାଇ ବୁର୍ଲା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ପାଣିର ପ୍ରଖର ସ୍ରୋତ ଓ ଯୋଗୁ ଉଦ୍ଧାର କାର୍ଯ୍ୟରେ ସାମାନ୍ୟ ବାଧା ସୃଷ୍ଟି ହେଉଛି। ସ୍ୱସ୍ତିକଙ୍କ ବାପା ବିଦ୍ୟୁତ ବିଭାଗରେ ଏସଡିଓ (ଏସଡିଓ) ଭାବେ କାର୍ଯ୍ୟରତ ଅଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସହଯୋଗ ନଗର ଏବଂ ଝାଡୁଆପଡ଼ା ଅଞ୍ଚଳର ବହୁ ସମ୍ପର୍କୀୟ ଓ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ରୁଣ୍ଡ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଖୋଜାଖୋଜି ଜାରି ରହିଛି ଏବଂ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି।

# ବନ୍ଧା ହେଲେ କୋଟିପତି ଯନ୍ତ୍ରୀ

## ଆୟଠାରୁ ୭୯୮% ଅଧିକ ସଂପତ୍ତି ଠୁଳ ଅଭିଯୋଗ



**ବାଲିଗୁଡ଼ା :** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗତକାଲି ଶ୍ରୀ ବେହେରାଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ବେଳେ ଭିଜିଲାନ୍ସ ବିପୁଳ ସଂପତ୍ତି ଠାବ କରିଥିଲା। ସେ ତାଙ୍କ ଆୟଠାରୁ ୭୯୮% ଅଧିକ ସଂପତ୍ତି ଠୁଳ କରିଛନ୍ତି। ସେଥିମଧ୍ୟରେ ରହିଛି ୬ଟି କୋଠା ଓ ୧୪ଟି ଦାମୀ ଫ୍ଲାଟ୍। ତାଙ୍କଠାରୁ ୨.୦୪ କୋଟିରୁ ଅଧିକ ନଗଦ ଟଙ୍କା ଓ ୫୫୨ ଗ୍ରାମର ସୁନା ଜବତ କରାଯାଇଛି। ସେହିପରି ସେ ବ୍ୟାଙ୍କରେ ୪୫ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତା’ ସହିତ ଅନ୍ୟାନ୍ୟ ସଂପତ୍ତି ଠାବ କରାଯାଇଛି। ତାଙ୍କର ୫ଟି କୋଠା ମଧ୍ୟରୁ ୪ଟି ଭୁବନେଶ୍ୱରରେ ରହିଛି। ସେ ରହୁଥିବା ଘରର ଇଣ୍ଟେରିଅର ଦେଖିଲେ ଯେ କେହି ବି ଚକିତ ହୋଇଯିବେ। ତେବେ ସେ କିଭଳି ଏତେ ସଂପତ୍ତି ଠୁଳ କଲେ, ତା’ର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଶ୍ରୀ ବେହେରାଙ୍କର ୬ଟି ବହୁତଳ କୋଠା ଠାବ କରାଯାଇଥିବା ବେଳେ ସେଥିରୁ ୫ଟି ଭୁବନେଶ୍ୱରର ପ୍ରମୁଖ ସ୍ଥାନଗୁଡ଼ିକରେ ରହିଛି। ନିଳାଦ୍ରୀ ବିହାରରେ ତାଙ୍କର ଏକ ୪ ମହଲା କୋଠା (୧୦ ହଜାର ୫୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ) ଥିବା ବେଳେ ୧୧୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ ଏକ ତିନି ମହଲା କୋଠା ଶୈଳଶ୍ରୀ ବିହାର ଅଞ୍ଚଳରେ ରହିଛି। ପଟିଆର କାନନ ବିହାର ଫେଜ୍-୧ରେ ତାଙ୍କର ଏକ ଦ୍ୱିମହଲା କୋଠା (୩୭୫୦ ବର୍ଗଫୁଟ ଜାଗାରେ ନିର୍ମିତ) ଥିବା ବେଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଆଉ ଏକ ଦ୍ୱିମଳା କୋଠା ରହିଛି, ଯାହା ୨୫୦୦ ବର୍ଗଫୁଟ୍ ଜାଗାରେ ତିଆରି ହୋଇଛି। ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳାରେ ପୈତୃକ ଜାଗା ଉପରେ ତାଙ୍କର ଏକ ଦ୍ୱିମହଲା କୋଠା ରହିଛି। ଏହି କୋଠା ମଧ୍ୟ ୨୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ତା’ ସହିତ ଜୟଦେବ ବିହାରରେ ତାଙ୍କର ଏକ ଘର ଅଛି, ଯାହା ୧୦୦୦ ବର୍ଗଫୁଟ୍ ଜାଗାରେ ତିଆରି ହୋଇଛି।

## ୮୮୦ ବୋତଲ କଫ ଶିରପ ଜବତ; ୫ ଜଣ ଗିରଫ

**ବଲାଙ୍ଗୀର :** ବଲାଙ୍ଗୀର ଟାଉନ ଥାନା ପୋଲିସ କୁ ଏକ ବଡ ସଫଳତା ହାତକୁ ଲାଗିଛି। ବେଆଇନ ଭାବରେ ଏଠାକୁ ଆସୁଥିବା ଏକ ଟାଟା ନେଲ୍ସନ ଗାଡି ସହିତ ୮୮୦ ବୋତଲ କଫ ଶିରଫ ଜବତ କରି ୫ ଜଣ ଙ୍କୁ ଚାଲାଣ କରୁଥିବା ଅଭିଯୋଗରେ ଗିରଫ କରିଛନ୍ତି। ଆଜି ଟାଉନ ଥାନାରେ ଏସ୍ ଡି ପି ଓ ସଦର ସରୋଜ କୁମାର ଉପାଧ୍ୟାୟ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ତାରିଖ.୦୬.୦୬.୨୦୨୬ ରେ ଅଭିଯୋଗକାରୀ ଏସଆଇ ଦେବାଶିଷ ସତପଥୀ, ଏସଆଇ ସି.କେ.ମହାପାତ୍ର, ଏସଆଇ ବିଶାଖା ନାଏକ, ଏଏସଆଇ ବି.ଦେହେରୀ, କର୍ମଚାରୀଙ୍କ ସହିତ ବଲାଙ୍ଗୀରର ବିଜାଖମନ ଅଞ୍ଚଳ ନିକଟରେ ପାଟ୍ରୋଲିଂ ଡ୍ୟୁଟି କରୁଥିଲେ। ସେ ସୂଚନା ପାଇଲେ ଯେ, ବାଇପାସ୍ ରୋଡ୍ ରେ ରାଜୀବ ନଗର ଅଞ୍ଚଳରୁ ନ୍ୟୁ ସ୍ମାର୍ଟ ପାର୍କ ଏଣ୍ଡକୁ ଯାଉଥିବା ଏକ ଟାଟା ନେକ୍ସନ୍ କାର୍ ରେ ବେଆଇନ୍ କଫ୍ ସିରପ୍ ପରିବହନ କରାଯାଉଛି। ଯାଞ୍ଚ ସମୟରେ ସେମାନେ ଉକ୍ତ କାର୍ ରେ ୮୮୦ ବୋତଲ ଏସ୍କଫ୍ କଫ୍ ସିରପ୍ ଲୋଡ୍ ହୋଇଥିବା ଏବଂ ୫ ଜଣ ଅଭିଯୁକ୍ତଙ୍କୁ ପାଇଲେ।

■ ୪୮ ତମ ଦିବସରେ ରଥଖଳା ହାଲ୍‌ଚାଲ୍....

# ୪୪ ଟି ଯୋକା ଫିଟିଙ୍ଗ ସହ ତିନିରଥର ପ୍ରଥମ ଭୂଇଁ ପ୍ରସ୍ତୁତି

## ୩ ରଥର ୮ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ଚାଲିଛି ରଥଯାତ୍ରା ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ



**ପୁରୀ :** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳାରେ ରଥନିର୍ମାଣ ଆଗେଇ ଚାଲିଛି । ରବିବାର ରଥ ନିର୍ମାଣର ୪୮ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ନିର୍ଦ୍ଦେଶରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସମସ୍ତ ପୋଲ ଗୟଳ ଏବଂ ଚାନ୍ଦା ଗୟଳ ମୋଡା ଯାଇ କଣ୍ଟା ବସିବା ପାଇଁ ଦଉଡ଼ିରେ ବାନ୍ଧେଣି ପଡ଼ିଥିଲା । ତିନିରଥର ମୋଟ ୩୨ ଗୋଟି ପୋଲ ଗୟଳ ଏବଂ ଚାନ୍ଦା ଗୟଳ ମଧ୍ୟରୁ ବାକିଥିବା ତିନିରଥର ଦୁଇଟି ଲେଖାଏଁ ଛନ୍ଦା ଗୟଳ ମୋଡା ଯାଇ କଣ୍ଟା ବସିବା ପାଇଁ ଦଉଡ଼ିରେ ବାନ୍ଧେଣି ପଡ଼ିଥିଲା, ଆଜି ବାକିଥିବା ଚାନ୍ଦା ଗୟଳ ଗୁଡିକରେ କଣ୍ଟା ବସିବା କାର୍ଯ୍ୟ ଶେଷ ହୋଇଛି। ଆଜି ତିନିରଥର ଯୋକା ଫିଟିଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ମୋଟ ୪୪ ଗୋଟି ଯୋକା ଗୁଡିକୁ ତିନି ରଥରେ ଫିଟିଙ୍ଗ ପୂର୍ବରୁ ଯୋକା ଗୁଡିକରେ ମାପ ପ୍ରକାରେ କାପ ଖୋଦେଇ କାର୍ଯ୍ୟ ଶେଷ ହୋଇ ତାଳ ଧ୍ୱଜ ଏବଂ ଦର୍ପଦଳନ ରଥରେ ୮ ଟି ଲେଖାଏଁ ଯୋକା ଫିଟିଙ୍ଗ ଶେଷ ହୋଇଛି, ନନ୍ଦିଘୋଷ ରଥର ସମସ୍ତ ଜୋକା ଗୁଡ଼ିକର କାପ ଖୋଦେଇ ଶେଷ ହୋଇଛି।(ଏହି ଯୋକା ଗୁଡ଼ିକ ରଥର ଚତୁର୍ପାର୍ଶ୍ୱ କୋଣ ମାନଙ୍କରେ ଫିଟିଙ୍ଗ କରାଯାଉଅଛି, ଏହି ଯୋକା ରଥର ଅଖ, କୁତୁକା, ନିରାଡି ଏବଂ ଗୟଳ କୁ ବାନ୍ଧି ରଖିବା ପାଇଁ ଯୋକା ଗୁଡିକରେ ମାପ ପ୍ରକାରେ କାପ ଖୋଦେଇ ପରେ କଣ୍ଟା ବାଡ଼ିଆ ଯାଇ ସେଟିଂ କରା ଯାଉଛି । ରଥ ଚାକିରେ ଆରମ୍ଭ ହୋଇଛି ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ପ୍ରସ୍ତୁତି କାର୍ଯ୍ୟ ଜାରୀ ରହିଛି । ଆଜି ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ତିନିରଥର ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ରଥ ଚାକି ରେ ପ୍ରସ୍ତୁତି ଆରମ୍ଭ ହୋଇଛି ତିନିରଥର ପ୍ରଥମ ଭୂଇଁ ଫ୍ରେମ୍। ପ୍ରଥମ ଭୂଇଁ ଫ୍ରେମ ର ୬ କାଠି ପ୍ରେମ ପ୍ରସ୍ତୁତି ଶେଷ ହୋଇଛି। ଏହି ପ୍ରଥମ ଭୂଇଁ ପ୍ରେମ ୬ ଗୋଟି ଓରା, ୪ ଗୋଟି ଖାମ୍ବି, ସଂଯୋଗ ହୋଇ ଚାରି ପାର୍ଶ୍ୱରେ ୨୪ ଗୋଟି ପାଖୁଡ଼ା ଏବଂ ୧୬ ଟି ଛିଆଣ ଲାଗି, ପାଖୁଡାକୁ ଧରି ରଖିବା ପାଇଁ ୨୪ ଟି ଭୂଇଁ ଖମ୍ବୀ ଚାରି ପାର୍ଶ୍ୱରେ ସଂଯୋଗ ହୋଇ ପ୍ରେମ ପ୍ରସ୍ତୁତି ହେବ । ରୂପକାର ସେବକ ମାନେ ତିନିରଥର ବେଦୀ ସିଂହାସନ ମୁହାଁଟି ରେ ଚିତ୍ର ରୂପ ଖୋଦେଇ ଶେଷ କରିବା ସହ ରୁପ ଗୁଡ଼ିକର ପଲିସ୍ କାର୍ଯ୍ୟ ଶେଷ କରିବାସହ, ତିନିରଥର ୮ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ଯୋକା କଣ୍ଟା ଶେଷ କରି ଭୂଇଁ କଣ୍ଟା, ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥଯାତ୍ରା ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରିର ଖିଛନ୍ତି। ତିନିରଥ ର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୭ଜଣ, ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ , କରତୀ ସେବକ ୪ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ, ପାହି ମହାରଣା ୨ଜଣ,ରଥଖଳା ସହାୟକ ୧ଜଣ ମୋଟ ୨୦୫ ଜଣ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

## ଟ୍ୱିନ୍ ସିଟିରେ ପୁଣି କାଳବୈଶାଖୀ ତାଣ୍ଡବ

# ଭାଙ୍ଗିଲା ଚଣ୍ଡୀମନ୍ଦିର ଦଧିନଉତି

**କଟକ/ଭୁବନେଶ୍ୱର:** ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ଆଜି ସନ୍ଧ୍ୟାରେ ପୁଣି ଥରେ କାଳବୈଶାଖୀ ତାଣ୍ଡବ ରଚିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ଏହି ଭଳି ପ୍ରାକୃତିକ ବିପର୍ଯ୍ୟନ୍ତ ଦ୍ୱିତୀୟ ଥର ପାଇଁ ଅନୁଭୂତ ହୋଇଛି। ଉଭୟ କଟକ ଏବଂ ଭୁବନେଶ୍ୱରର ଅନେକ ସ୍ଥାନରେ ଝଡ଼ତୋଫାନ କାରଣରୁ ରାସ୍ତାକଡ଼ରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ପଡ଼ିଛି। ସେହିପରି ହୋର୍ଡିଂକୁ କ୍ଷତି ପହଞ୍ଚାଇଥିବା ବେଳେ ବର୍ଷା ମଧ୍ୟ ଜନଜୀବନକୁ ପ୍ରଭାବିତ କରିଛି। ରାଜଧାନୀ ଭୁବନେଶ୍ୱରରେ ଶନିବାର ଭଳି ରବିବାର ଦିନ ମଧ୍ୟ ହଠାତ୍ ଆକାଶ ମେଘାଚ୍ଛନ୍ନ ହେବା ସହ ବର୍ଷା ଓ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ବିଜୁଳି ଏବଂ ଘଡ଼ଘଡ଼ିରେ ଆକାଶ ଚମକୁଥିଲା। ସତେ ଅବା ଆକାଶରେ ଢୋଲ ବାଜିଲା ଭଳି ଅନୁଭବ ହେଉଥିଲା। ଆଜିର ଏହି କାଳବୈଶାଖୀ ନେଇ ମୌସୁମୀ ବାୟୁ ଠାରୁ ଅଧିକ ଆଶା କରାଯାଉଛି। ଚଳିତ ସପ୍ତାହର ଶେଷ ଅଥବା ଆଗାମୀ ସପ୍ତାହର ଆରମ୍ଭରେ ଓଡ଼ିଶାରେ ମୌସୁମୀ ବାୟୁ ପହଞ୍ଚିପାରେ। ଅଦିନିଆ ବର୍ଷା ମୌସୁମୀ ବାୟୁକୁ ଆଗକୁ ବଢ଼ାଇପାରେ। ଐତିହାସିକ କଟକ ସହରରେ ଆଜି ପ୍ରବଳ ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ବଜ୍ରାଘାତରେ ଐତିହାସିକ ଚଣ୍ଡୀମନ୍ଦିରର ଦଧିନଉତି ଭାଙ୍ଗିପଡ଼ିଛି। ଏହି ସମୟରେ ଚଣ୍ଡୀମନ୍ଦିର ରାସ୍ତା ଦେଇ ଯାଉଥିବା ଲୋକେ ଭୟଭୀତ ହୋଇ ପଡ଼ିଥିଲେ। କାଳବୈଶାଖୀ ଯୋଗୁଁ ଅନେକ ସ୍ଥାନରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ଏଥିଯୋଗୁଁ କେତେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ବିଦ୍ୟୁତ ତାର କ୍ଷତିଗ୍ରସ୍ତ ହେବାରୁ କିଛି ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ଅନ୍ୟପଟରେ ବର୍ଷା ଯୋଗୁଁ ଗ୍ରୀଷ୍ମ ପ୍ରବାହରୁ ଲୋକମାନେ ସାମୟିକ ଆଶ୍ୱସ୍ତି ପାଇଛନ୍ତି।



## ସମ୍ପାଦକୀୟ

# ଆଗାମୀ ଦିନରେ ବଡ଼ ପରିବର୍ତ୍ତନ

ଦେଶରେ ଏବେ ଏବେ ସମାପ୍ତ ହୋଇଛି ବିଧାନସଭା ନିର୍ବାଚନ। ଭାରତର କେତେକ ନିର୍ଦ୍ଦିଷ୍ଟ ରାଜ୍ୟ ଯେପରି କି ଆସାମ୍, କେରଳ, ବେଙ୍ଗଲ, ତାମିଲନାଡୁ ଆଦି ରାଜ୍ୟ ମାନଙ୍କରେ ସମାପ୍ତ ହୋଇଯାଇଛି ବିଧାନସଭା ନିର୍ବାଚନ । ପୁଡୁଚେରୀରେ ବି ଅତି ସୁରୁଖୁରୁରେ ସମ୍ପନ୍ନ ହୋଇଛି ନିର୍ବାଚନ। ନିର୍ବାଚନ ସମୟରେ ପ୍ରାୟତଃ ସମସ୍ତ ସ୍ଥାନରେ ଅଳ୍ପ ବହୁତେ କିଛି ନା କିଛି ଅପ୍ରୀତିକର ପରିସ୍ଥିତି ଉପୁଜିବାର ଆଶଙ୍କା ଥାଏ। ଯାହା ପଛର କାରଣ ମଧ୍ୟ ଅଳ୍ପ ବହୁତେ ସମସ୍ତଙ୍କୁ ଜଣା। ତଥାପି ସେ କାରଣ ବିଷୟରେ ସାଧାରଣ ଜନତା ଅବଗତ ହେବା ଦରକାର, ସାଧରଣ ଜନତା ସେ କାରଣ ବିଷୟରେ ଜାଣିବା ଦରକାର , ବୁଝିବା ଦରକାର। ନଚେତ୍ କିପରି ଦେଶର ସାଧାରଣ ଜନତା ଜାଣିବେ ଅବା ଅବଗତ ହେବେ ଯେ ଯେଉଁମାନଙ୍କୁ ସେମାନେ ସେମାନଙ୍କର ବହୁମୂଲ୍ୟ ସମୟ ଦେଇ ଦେଶର ନେତା ନିର୍ବାଚିତ କରିଛନ୍ତି, ସେ ନେତାମାନଙ୍କ ଅସଲୀ ସ୍ୱରୂପ କ'ଣ ହୋଇପାରେ। ଦେଶର ବିଶିଷ୍ଟ ନେତା ଯେଉଁମାନେ ବି ଥିଲେ ଦିନେ ସାଧାରଣ ଜନତା। ସେମାନଙ୍କ ଭିଆଇପିଗିରି ସେମାନଙ୍କ ପାଖରେ। ସାଧାରଣ ସ୍ତରରେ ସେମାନଙ୍କର କି ବା ମୂଲ୍ୟ! ଆମେ ଏଠାରେ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଦେଶର ସେହିସବୁ ଭିଆଇପି ନେତାମାନଙ୍କ କଥା କହୁଛୁ ଯେଉଁମାନେ ନିର୍ବାଚନରେ ଛିଡ଼ାହୁଅନ୍ତି ନିଜର ଅଯଥା ପ୍ରଭାବ ବିସ୍ତାର କରିବା ପାଇଁ। ନିର୍ବାଚନରେ ଛିଡ଼ାହେବା ପୂର୍ବରୁ ବି ସେମାନଙ୍କର୍ ଅପରାଧ ରେକର୍ଡ ଥାଏ। ସମସ୍ତ ନେତା ନୁହଁନ୍ତି, କେତେକ ନିର୍ଦ୍ଦିଷ୍ଟ ନେତାଙ୍କ କଥା ଆମେ କହୁଛୁ, ଯେଉଁମାନେ ରାଜନୀତିରେ ପ୍ରବେଶ କରନ୍ତି କେବଳ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ସାଧନ କରିବା ପାଇଁ। ଜିତିବା ପୂର୍ବରୁ ବି ସେମାନେ ମନ୍ଦ ଥିଲେ ଏବଂ ଜିତିବା ପରେ ବି ସେମାନେ ମନ୍ଦ ରହିବାର ଆଶଙ୍କା ରହିଛି। ସେମାନଙ୍କର ଏହିଭଳି ଖରାପ୍ ରେକର୍ଡ। ଯାହାକୁ ସମାଜର ସାଧାରଣ ଜନତା ଜାଣିବା ବି ଦରକାର। ସେଇଥିପାଇଁ ନିର୍ବାଚନୀ ଫଳାଫଳର ଅବ୍ୟବହିତ ପୂର୍ବରୁ କିମ୍ବା ପରେ ପରେ ପ୍ରାୟତଃ କିଛି ନା କିଛି କେଁ ବାହାରେ କେବଳ ସେଇଥିପାଇଁ ନଚେତ ପବ୍ଲିକ୍ କେମତି ଜାଣିବେ ସେମାନଙ୍କ୍ ଅଞ୍ଚଳର ନେତାଙ୍କ ଅସଲୀ ରୂପ। ଏମିତି ବି ପବ୍ଲିକ୍ ମଧ୍ୟ ଜାଣିବା ସବୁ ଦରକାର। ସେମାନଙ୍କର ମଧ୍ୟ ସେମିତି ରାଇଟ୍ ରହିଛି ସବୁ ଜାଣିବା ପାଇଁ। ସେମାନେ ବି ସବୁ ଜାଣୁଛନ୍ତି। ଯାହା ସେମାନେ ଭାବୁଛନ୍ତି, ଆମେ ତମେ ଭାବୁଛୁ, ହେଲେ ବାସ୍ତବ କଥା କିନ୍ତୁ ସେମିତି ନୁହେଁ। ବାସ୍ତବ କଥା କିଛି ଭିନ୍ନ। ଦେଶର ସେ ପରାଜିତ ନେତା ହେଉ ଅବା ବିଜିତ ନେତା ହେଉ, ଅଧିକାଂଶ ନେତାଙ୍କ ପୂର୍ବ ରେକର୍ଡ କିନ୍ତୁ ସେତେ ଭଲ ହୋଇନଥାଏ। କେତେକ ତ ଫୁଲ୍ କ୍ରିମିନାଲ୍ । ତଥାପି ସେମାନେ ଇଲେକସନ୍‌ରେ ଛିଡ଼ା ହୁଅନ୍ତି ଅଥଚ ଦୁଃଖର ବିଷୟ ଏହି କି ଯେ , କେହି ବି ସେମାନଙ୍କ ମନ ଗହନର ଭିତିରିକଥାକୁ ଏତେ ସହଜରେ ଧରି ପାରନ୍ତି ନାହିଁ । କାରଣ ଆମ ଦେଶର ପ୍ରଶାସନିକ ବ୍ୟବସ୍ଥା ହିଁ ଦୁର୍ବଳ, ଆମର ଦେଶର ପ୍ରଶାସନିକ ବ୍ୟବସ୍ଥା ହିଁ ଆରମ୍ଭରୁ ଢ଼ିଲା। ଇତିହାସ କହୁଛି କେବଳ ସେହି କାରଣରୁ ବିଦେଶୀ ଶକ୍ତି ସାତଦରିଆ ପାରହୋଇ ଭାରତରେ ଅନୁପ୍ରବେଶ କରି ଆସି ପହଞ୍ଚଗଲେ ଅନାୟାସରେ ଭାରତରେ । ପୁଣି ରାଜ୍ କଲେ ଦୀର୍ଘ ବର୍ଷ। ଏହା ହେଉଛି ଆମ ଢିଲା ସିଷ୍ଟମ୍‌ର ଇତିହାସ। ଏହା ହେଉଛି ଆମ ଶାସନ ଏବଂ ପ୍ରଶାସନର ଇତିହାସ। ଏବେ କିନ୍ତୁ ଭାରତର ସ୍ଥିତି ଏବଂ ପରିସ୍ଥିତିରେ ପରିବର୍ତ୍ତନ ଆସିଛି। ଏନ୍‌ଡିଏ ନେତୃତ୍ୱାଧୀନ ବିଜେପି ସରକାରରେ ଭାରତର ରାଜନୈତିକ ଚିତ୍ରରେ କେତେକ ପରିବର୍ତ୍ତନ ଆସିଛି ଏବଂ ଆଗାମୀ ସମୟରେ ଆହୁରି ସେମିତି କିଛି ପରିବତ୍ତନ ଆସିପାରେ । ତାହା ତ ସମୟ କହିବ । ତେବେ ଚଳିତ ବର୍ଷର ବିଧାନସଭାର ନିର୍ବାଚନରେ ଯେଉଁମାନେ ବିଭିନ୍ନ ସ୍ଥାନରେ ବାଜି ମାରିଛନ୍ତି ଅବା ବିଭିନ୍ନ ସ୍ଥାନରେ ଜିତାପଟ ମାରିଛନ୍ତି ସେମାନେ ଅଳ୍ପ ବହୁତେ କିଛି ନା କିଛି ଉତ୍ତମ ଗୁଣର ଅଧିକାରୀ ସେମାନେ ଯେଉଥିପାଇଁ ଭାରତର କ ରାଜନୈତିକ ପରିସ୍ତିତରେ ଆଗାମୀ ସମୟରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ଯାହାର ସଦ୍ୟ ଉଦାହରଣ ହେଉଛି ତାମିଲ୍‌ନାଡୁ ଏବଂ ପଶ୍ଚିମ ବଙ୍ଗ। ଯେଉଁଠାରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ବିଜୟ ଚନ୍ଦ୍ରଶେଖର ଏବଂ ଶୁଭେନ୍ଦୁ ଅଧିକାରୀ। ଜଣେ ରିଲ୍ ଷ୍ଟାରରୁ ହେବାକୁ ଯାଉଛନ୍ତି ରିଅଲ୍ ଷ୍ଟାର ଏବଂ ଆଉ ଜଣେ ଅଧିକାରୀ ମହାଶୟ ବି ଜଣେ ସଚ୍ଚା ଏବଂ ସଶକ୍ତ ରାଜନୀତିଜ୍ଞ ଯେଉଁମାନଙ୍କ କାର୍ଯ୍ୟକାଳରେ ଭାରତର ରାଜନୀତିକ ଦୃଶ୍ୟପଟ୍ଟରେ ଆସିପାରେ ବଡ଼ ଧରଣର ପରିବର୍ତ୍ତନ।

## ଯାତ୍ରାପଥ

କୌଣସି ଜରୁରୀ କାମରେ ଜଣେ ଯୁବକ ବାହାରିଗଲେ ଏକ ଦୂର ସ୍ଥାନକୁ। ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚିଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ନଥାଏ ବାହୁବଳରେ।

# ଆମ୍ବେଦକର ଓବିସି ସଂରକ୍ଷଣର ଆଦ୍ୟ ସୂତ୍ରଧର



ଅଧ୍ୟାପକ ଗୋପବନ୍ଧୁ



ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ମାନଙ୍କ ସଂରକ୍ଷଣ କଥା ଏବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଅନବରତ ଚର୍ଚ୍ଚା ଚାଲିଛି। ହେଲେ ଏହାର ପ୍ରାରମ୍ଭ କିପରି ହୋଇଛି ସେ ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି। ଏହି ବର୍ଗର ଲୋକଙ୍କୁ ନିଜର ସାମ୍ବିଧାନିକ ସ୍ଥିତିକୁ ବୁଝିବା ପାଇଁ ଅନେକ ବର୍ଷ ଲାଗିଗଲା। ସଂରକ୍ଷିତ ସୁବିଧା ଭୋଗୀ କହିଲେ ଏମାନେ ଏସଟି ଓ ଏସସିକୁ ବୁଝୁଥିଲେ। ଏମାନଙ୍କ ଧାରଣା ଥିଲା ଯେ ସଂରକ୍ଷଣ ମାଧ୍ୟମରେ ସମସ୍ତ ସୁବିଧା ସୁଯୋଗ ଏସଟି ଓ ଏସସିମାନେ ନେଇ ଯାଉଛନ୍ତି। ତେଣୁ ଏମାନେ ଚାକିରୀ ଓ ବୈଷୟିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହି ଧାରଣା ଯୋଗୁଁ ଏମାନଙ୍କ ମଧ୍ୟରୁ ଅନେକେ ମଣ୍ଡଳ କମିଶନର କର୍ଯ୍ୟକାରୀତା ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇ ଥିଲେ ଓ ଗୁଳିଖାଇ ମରିଥିଲେ ମଧ୍ୟ। ଏମାନଙ୍କ ଧାରଣା ଥିଲା ଯେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଯୋଗୁଁ ଏସଟି ଓ ଏସସିଙ୍କ ସଂରକ୍ଷଣ ଆହୁରି ବଢ଼ିଯିବ। ଏହି କାରଣରୁ ଏମାନେ ଡ.ଆମ୍ବେଦକରଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ କୁଣ୍ଠାବୋଧ କରୁଥିଲେ। ସେ ଓବିସିମାନଙ୍କ ପାଇଁ କିଛି କରି ନାହାଁନ୍ତି ବୋଲି ଧାରଣା ଥିଲା। ସେ ଯାହା କିଛି କରିଛନ୍ତି ଦଳିତ ଓ ଆଦିବାସୀଙ୍କ ପାଇଁ କରିଛନ୍ତି।

ଆମ ସମ୍ବିଧାନ ଏକ ପ୍ରଗତିଶୀଳ ନିୟମ ସମ୍ବଳିତ ଗ୍ରନ୍ଥ, ଯାହା ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି। ସେଇଥିପାଇଁ ସମ୍ବିଧାନ ରଚନା କାଳରେ ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି(ଏସସି)ଙ୍କ ବିକାଶ ପାଇଁ ଓ ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତି(ଏସଟି)ଙ୍କ ବିକାଶପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ବିଭିନ୍ନ କ୍ଷେତ୍ରରେ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଭାରତ ସରକାରଙ୍କ ନିୟମ, ୧୯୩୫ ମସିହା ଅନୁଯାୟୀ ଅନୁସୂଚୀତ ଜାତି(ଏସସି)ଙ୍କୁ ମାନ୍ୟତା ମିଳିଯାଇ ଥିଲା ଏବଂ ଆଦିବାସୀ ମାନ୍ୟତା ମଧ୍ୟ ଆସି ଯାଇଥିଲା ଯାହା ପରେ ସମ୍ବିଧାନରେ ଅନୁସୂଚୀତ ଜନଜାତି(ଏସଟି) ଭାବେ ପରିଚିତ ହେଲା। ଏମାନଙ୍କ ବାଦେ ସମ୍ବିଧାନରେ ଅନ୍ୟ ଏକ ଅନଗ୍ରସର ବର୍ଗକୁ ସ୍ୱୀକୃତି ମିଳିଥିଲା, ଯଦିଓ ଯାହାର ସଠିକ ନାମକରଣ ହୋଇ ନଥିଲା ଓ ଚୁଡାନ୍ତ ତାଲିକା ପ୍ରସ୍ତୁତ ହୋଇ ନଥିଲା। ତେଣୁ ଏମାନଙ୍କ ପାଇଁ ସମ୍ବିଧାନରେ ସଂରକ୍ଷଣ ସମ୍ବନ୍ଧୀୟ ଅନ୍ୟଏକ ଧାରା ରହିଛି ତାହା ହେଉଛି ଧାରା ୩୪୦। ଦେଶରେ ଥିବା ଏହି ଅନଗ୍ରସର ବର୍ଗଙ୍କ ବିକାଶ ପାଇଁ ଏହି ଧାରା ଉଦ୍ଦିଷ୍ଟ। ଏହି ଧାରା ଅନୁଯାୟୀ ରାଷ୍ଟ୍ର ଏମାନଙ୍କ ବିକାଶ ପାଇଁ ଉଦ୍ୟମ କରିବାକୁ ବାଧ୍ୟ। ଏମାନଙ୍କ ଅବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ ପାଇଁ ସରକାର କମିଶନ ବସାଇ ପାରିବେ ଓ କମିଶନଙ୍କ ସୁପାରିଶ ମୁତାବକ ପଦକ୍ଷେପ ନେଇ ପାରିବେ।

ଏହି ଧାରାକୁ ସମ୍ବିଧାନ ପ୍ରଣୟନ ସଭାରେ ୧୬ ଜୁନ୍, ୧୯୪୯ ମସିହାରେ କାକା କାଲେଲକର ଉପସ୍ଥାପନ କରିଥିଲେ। ଏହା ପଛରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମେନ ଡକ୍ଟର ବି.ଆର. ଆମ୍ବେଦକରଙ୍କ ହାତ ଓ ଦୃଢ଼ ସମର୍ଥନ ଥିଲା। କାରଣ ସେ ଚାହିଁଥିଲେ ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କୁ ଏସଟି ଓ ଏସସି ତୁଲ୍ୟ ସମାନୁପାତିକ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ। କିନ୍ତୁ ଦୁଃଖର କଥା ଅଳ୍ପ କେତେଜଣକୁ ଛାଡିଦେଲେ ସେ ସମୟର ସଂଖ୍ୟାଧିକ ଏହି ବର୍ଗର ନେତା ତାଙ୍କୁ ସହଯୋଗର ହାତ ବଢ଼ାଇ ନଥିଲେ। ଅନ୍ୟ ଏକ ଅସୁବିଧା ଥିଲା ଯେ କେଉଁ ଜାତିଗୁଡିକ ଏହି ବର୍ଗର ଅନ୍ତର୍ଗତ ହେବେ ତାହାର ସ୍ପଷ୍ଟ ଆଧାର ଓ ତାଲିକା ପ୍ରସ୍ତୁତ ହୋଇନଥିଲା। ଯଦିଓ ୧୯୩୧ ମସିହା ଜାତିଭିତ୍ତିକ ଜନଗଣନାରେ ଏମାନଙ୍କ ସଂଖ୍ୟାର ଆକଳନ ହୋଇଥିଲା, ଯାହାକୁ ପରେ ମଣ୍ଡଳ କମିଶନ ଉଲ୍ଲେଖ କରି କହିଥିଲେ ଏମାନଙ୍କ ସଂଖ୍ୟା ୫୨% ବୋଲି। ସମ୍ବିଧାନ ପ୍ରସ୍ତୁତ ପୂର୍ବରୁ ଆପତତଃ ଏସସି ଓ ସୂଚୀବଦ୍ଧ ଆଦିବାସୀଙ୍କ ତାଲିକା ଉପଲବ୍ଧ ଥିଲା। ତେଣୁ ଅସୁବିଧା ହେଲା ନାହିଁ। ଅସୁବିଧା ଥିଲା ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କ ପାଇଁ। ତଥାପି ସେ ଏମାନଙ୍କ ପାଇଁ ଏହି ଧାରାକୁ ସମ୍ବିଧାନରେ ସ୍ଥାନିତ କରି ଯାଇଛନ୍ତି। ସେ ଜାଣିଥିଲେ ଆଜି ନହେଲେବି କାଲି ଏମାନେ ଏହାର ଆବଶ୍ୟକତାକୁ ବୁଝିବେ। ସ୍ୱାଧୀନତା ପରେ ସେ ବହୁ ଚେଷ୍ଟା କରିଥିଲେ ଏହି ଅନ୍ୟାନ୍ୟ ଅନଗ୍ରସର ବର୍ଗକୁ ସ୍ୱତନ୍ତ୍ର ମାନ୍ୟତା ଦେବା ପାଇଁ ଓ ଏ ବାବଦକୁ ଏକ କମିଶନ ବସାଇବା ପାଇଁ।

ସେ ସ୍ୱାଧୀନୋତ୍ତର ଭାରତ ବର୍ଷର ପ୍ରଥମ ଆଇନ୍ ମନ୍ତ୍ରୀ। ଅଗଷ୍ଟ ୧୫, ୧୯୪୭ ରୁ ସେପଟେମ୍ବର ୨୭, ୧୯୫୧ ପର୍ଯ୍ୟନ୍ତ ଥିଲେ। ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ସେ ତାଙ୍କ ମନ୍ତ୍ରୀ ମଣ୍ଡଳରେ ସାମିଲ ହୋଇଥିଲେ। ଏହା ପୂର୍ବରୁ ସେ ନେହରୁଙ୍କ ସମ୍ମୁଖରେ କିଛି ସର୍ତ୍ତ ରଖିଥିଲେ। ସେଗୁଡ଼ିକ ମଧ୍ୟରୁ ପ୍ରଥମଟି ହେଲା ହିନ୍ଦୁ କୋଡ୍ ବିଲକୁ ପାସ କରାଇବାରେ ସାହାଯ୍ୟ କରିବେ ଓ ଦ୍ୱିତୀୟରେ ଥିଲା ଅନ୍ୟାନ୍ୟ ଅନଗ୍ରସର ବର୍ଗ ପାଇଁ ଏକ କମିଶନ ବସାଇବେ। ଏମାନଙ୍କ ଅନୁଧ୍ୟାନ ପୂର୍ବକ ଏମାନଙ୍କୁ ସମ୍ବିଧାନରେ ସ୍ୱତନ୍ତ୍ର ମାନ୍ୟତା ଦେବା ଓ ରିପୋର୍ଟ ମୁତାବକ ସୁବିଧା ସୁଯୋଗ ପ୍ରଦାନ କରିବା। ସେ ଏମାନଙ୍କ ପାଇଁ ଏକ କମିଶନ ବସାଇବା ପାଇଁ ଅନେକବାର ନେହରୁଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ନେହରୁ ଏଦିଗରେ ଆଗ୍ରହ ଦେଖାଇ ନଥିଲେ। ଏହା ତାଙ୍କୁ ବ୍ୟଥିତ କରିଥିଲା। ଅନ୍ୟ ପଟେ ହିନ୍ଦୁ କୋଡ୍ ବିଲକୁ ନେଇ ରକ୍ଷଣଶୀଳମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ନେହରୁ ହିନ୍ଦୁ କୋଡ୍ ବିଲକୁ ନେଇ ଆଗକୁ ବଢିବାକୁ ନାରାଜ ହେଲେ। ଏଥିରେ କ୍ଷୁବ୍ଧ ହୋଇ ଆମ୍ବେଦକର ତାଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ। ତେଣୁ ତାଙ୍କ ଇସ୍ତଫା ଅନ୍ୟାନ୍ୟ ଅନଗ୍ରସର ବର୍ଗର ସ୍ୱାର୍ଥ ପାଇଁ ମଧ୍ୟ ଜଡିତ ଥିଲା। ଅନେକେ ଏ ବିଷୟରେ ଅବଗତ ନୁହଁନ୍ତି।

ଘଟଣା ଚକ୍ରରେ ବିହାରର ତତ୍କାଳୀନ ବିଶିଷ୍ଟ ପଛୁଆବର୍ଗ ନେତା ରାମ ଲକ୍ଷନ ସିଂ ଚନ୍ଦପୁରି ଏକ ବିଶାଳ ସମାବେଶ ଆୟୋଜନ କରିଥିଲେ ଏସଟି, ଏସସି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କ ଏକତା ପାଇଁ। ଯେଉଁ ସମାବେଶକୁ ଡକ୍ଟର ଆମ୍ବେଦକରଙ୍କୁ ଡକାଯାଇ ଥିଲା। ଯେଉଁଠାରେ ଆମ୍ବେଦକର ଅନ୍ୟାନ୍ୟ ଅନଗ୍ରସର ବର୍ଗକୁ ଚିହ୍ନଟ କରିବା ପାଇଁ ଏକ କମିଶନ ଗଠନର ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ। ଏହାର ଚାପ ନେହରୁଙ୍କ ଉପରେ ପଡିଥିଲା। ଅନ୍ୟପଟେ ସ୍ୱାଧୀନତା ପରେ ଅନ୍ୟାନ୍ୟ ଅନଗ୍ରସର ବର୍ଗର କିଛି ନେତୃତ୍ୱ ଓ ପ୍ରଗତିଶୀଳ ନେତା ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ଆବଶ୍ୟକତାକୁ ବୁଝିଲେ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ ଏକ କମିଶନ ଗଠନ ପାଇଁ। ଫଳରେ ଧାରା ୩୪୦ ଅନୁଯାୟୀ ୧୯୫୩ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଏମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପାଇଁ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ। ଏହା କାଲେଲକର କମିଶନ ଭାବେ ପରିଚିତ। ସେ ଏହି ବର୍ଗ ପାଇଁ 'ସାମାଜିକ ଓ ଶିକ୍ଷାଗତ ଭାବେ ଦୁର୍ବଳ ଶ୍ରେଣୀ' ନାମର ବ୍ୟବହାର କରିଥିଲେ।

୧୯୫୫ ମସିହାରେ ଏହି କମିଶନ ତାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେ ସମୟର ସରକାର ଏହି କମିଶନଙ୍କ ସୁପାରୀଶକୁ ଗ୍ରହଣ କରିନଥିଲେ। ପୁଣି ଏହି ଧାରା ଅନୁସାରେ ୧୯୭୯ ମସିହାରେ ଜନତା ପାର୍ଟି ସରକାର ଶ୍ରୀ ବି.ପି. ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ। ଯାହା ମଣ୍ଡଳ କମିଶନ ଭାବେ ପରିଚିତ। ଏହି କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେତେବେଳକୁ ଜନତା ପାର୍ଟି ସରକାର କ୍ଷମତାରୁ ବିଦାୟ ନେଇ ସାରିଥିଲା। ଏହି କମିଶନ ଏମାନଙ୍କ ପାଇଁ 'ଅନ୍ୟାନ୍ୟ ପଛୁଆ ବର୍ଗ'(ଓବିସି) ନାମର ବ୍ୟବହାର କରିଥିଲେ। ପରବର୍ତ୍ତି ସରକାର ଏହି କମିଶନର ରିପୋର୍ଟକୁ କର୍ଯ୍ୟକାରୀ କଲେ ନାହିଁ। ଏହି ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଭି.ପି. ସିଂ ଘୋଷଣା କରିଥିଲେ ଓ ୧୯୯୨ ମସିହାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଚାକିରୀରେ ୨୭% ସଂରକ୍ଷଣ କାର୍ଯ୍ୟକାରୀ ହେଲା। ୨୦୦୬ ମସିହାରେ ତତକାଳୀନ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଶ୍ରୀ ଅର୍ଜୁନ ସିଂ ଶିକ୍ଷାରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କଲେ। ଏ ସମସ୍ତ ପଦକ୍ଷେପ ଧାରା ୩୪୦ ଅନୁଯାୟୀ ଗ୍ରହଣ କରାଯାଇଛି। ବିଭିନ୍ନ ରାଜ୍ୟ ମଧ୍ୟ ଏହାର ଅନୁସରଣରେ ଓବିସିଙ୍କୁ ସଂରକ୍ଷଣ ସୁବିଧା ଦେବା ଆରମ୍ଭ କଲେ।

ଦେଶରେ ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଓବିସିର ଲୋକ। ଏମାନଙ୍କ ବିକାଶ ଦେଶର ବିକାଶକୁ ବହୁଗୁଣିତ କରିବ। ଏକଥା ଆମ୍ବେଦକର ବୁଝିଥିଲେ। ବହୁ ବିଳମ୍ବରେ ହେଲେ ବି ଏବେ କିଛି ନେତା ଏକଥାକୁ ବୁଝିବା ଆରମ୍ଭ କରିଛନ୍ତି। ଓବିସିଙ୍କ ସାମଗ୍ରୀକ ବିକାଶ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ଭାଗୀଦାରୀ ଯେ ଅତ୍ୟନ୍ତ ଜରୁରୀ ତାହା ଏବେ ବୁଝୁଛନ୍ତି। ଏଥିପାଇଁ ସଂରକ୍ଷଣ ସୁବିଧା ପ୍ରାପ୍ତ ହେବା ଅନିବାର୍ଯ୍ୟ ବିଷୟ। ଏବେ କିଛି ସଚେତନ ସଂଗଠନ ଓ ବ୍ୟକ୍ତିବିଶେଷ ଓବିସିଙ୍କୁ ଏସଟି-ଏସସି ତୁଲ୍ୟ ରାଜନୀତି ସମେତ ସମସ୍ତ ସୋପାନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଦାବୀ ଉଠାଉଛନ୍ତି। ଆଉ ଦଳେ ପାଦେ ଆଗେଇ ଯାଇ କହୁଛନ୍ତି ଦେଶରେ ଓବିସିଙ୍କ ସଂଖ୍ୟା ଯଦି ଶତକଡା ୫୨ ଭାଗ ତେବେ ଏମାନଙ୍କୁ ମଧ୍ୟ ଏସଟି ଓ ଏସସି ତୁଲ୍ୟ ସମସ୍ତ କ୍ଷେତ୍ରରେ ଜନସଂଖ୍ୟା ଅନୁଯାୟୀ ୫୨% ସଂରକ୍ଷଣ ସୁବିଧା ମିଳୁ। ଓଡିଶାରେ କେନ୍ଦ୍ର ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ଏସଇବିସି ତାଲିକା ପ୍ରସ୍ତୁତ ହୋଇଛି। ରାଜ୍ୟରେ ଏମାନଙ୍କ ପାଇଁ ସଂରକ୍ଷଣ ହାର ଅତ୍ୟନ୍ତ ଦୁର୍ବଳ। ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ମିଳୁଥିଲା। ଏବେ ରାଜ୍ୟ ସରକାର ଏମାନଙ୍କ ପାଇଁ ସମସ୍ତ ଉଚ୍ଚ ଓ ବୈଷୟିକ ଶିକ୍ଷାରେ ୧୧.୨୫% ସଂରକ୍ଷଣ ଦେବେ ବୋଲି ଘୋଷଣା କରିଛନ୍ତି। ମଣ୍ଡଳ କମିଶନଙ୍କ ରିପୋର୍ଟ ମୁତାବକ ରାଜ୍ୟରେ ଏମାନେ ୨୭% ସଂରକ୍ଷଣ ନପାଇବା ପର୍ଯ୍ୟନ୍ତ ଏହା ପୂର୍ଣ୍ଣାଙ୍ଗ ନୁହେଁ ପରି ମନେହୁଏ।

ଦେଶରେ ତଥା ରାଜ୍ୟରେ ଓବିସି ସମାଜ ଯେତେ ଜାଗ୍ରତ ହେବ ସେମାନଙ୍କ ଅଧିକାର ସେତେ ସୁନିଶ୍ଚିତ ହେବ ଓ ରାଷ୍ଟ୍ର ପ୍ରଗତିରେ ସେତେ ଭାଗୀଦାରୀ ହେବ। କେବଳ ସଂରକ୍ଷଣ ସୁବିଧା ହାସଲ ତାଙ୍କ ଲକ୍ଷ୍ୟ ନହୋଇ ଏକ ସମତାଭିତ୍ତିକ ସମାଜ ଗଠନ ତାଙ୍କ ଲକ୍ଷ୍ୟ ହେବା ଉଚିତ। ଏହାକୁ ବୁଝିବା ପାଇଁ ଆମ୍ବେଦକରଙ୍କ ଜୀବନ ଓ ସଂଗ୍ରାମକୁ ବୁଝିବାକୁ ହେବ। ଓବିସିମାନଙ୍କ ଉତ୍ଥାନ ଦିଗରେ ତାଙ୍କର ଯୋଗଦାନ ଓ ପଦକ୍ଷେପକୁ ସ୍ମରଣ କାରିବାକୁ ହେବ। ତାଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ଦିଗରେ ନିଜର ଯୋଗଦାନକୁ ନିଶ୍ଚିତ କରିବାକୁ ହେବ।

**ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦୧ ଦର୍ଶନ ବିଭାଗ(ଅବସରପ୍ରାପ୍ତ)**

# ଆତ୍ମବିଶ୍ୱାସ ହେଉଛି ସଫଳତାର ମୂଳ ପାହାଚ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ବିଶ୍ୱାସ ହେଉଛି ମାନବ ଜୀବନରେ ଶକ୍ତିର ଏକ ପ୍ରଚଣ୍ଡ ଏବଂ ବିଶାଳ ଉତ୍ସ। ଏହା ଆମ ମନର ଶକ୍ତି ଯାହା ଆମକୁ ଅସମ୍ଭବକୁ ସମ୍ଭବ କରିବାର ଆତ୍ମବିଶ୍ୱାସ ଦିଏ। ବିଶ୍ୱାସ ବିନା ଜୀବନ ଦୁର୍ବଳ ଏବଂ ଅନିଶ୍ଚିତ ହୋଇଯାଏ, ଯେତେବେଳେ ବିଶ୍ୱାସ ଜଣେ ବ୍ୟକ୍ତିକୁ ସାହସର ସହିତ ଅସୁବିଧାର ସମ୍ମୁଖୀନ କରିବାକୁ ଅନୁମତି ଦିଏ। ସେହିପରି, ବିଶ୍ୱାସ ହେଉଛି ମାନବ ଜୀବନର ମୌଳିକ ମୂଳଦୁଆ। ବିଶ୍ୱାସ ଆମର ଆତ୍ମବିଶ୍ୱାସକୁ ବୃଦ୍ଧି କରେ। ଯେତେବେଳେ ଆମେ ନିଜ ଉପରେ ବିଶ୍ୱାସ କରୁ, କିଛି ଅସମ୍ଭବ ମନେହୁଏ ନାହିଁ। ଯଦି ଜଣେ ଛାତ୍ର ନିଜ କ୍ଷମତା ଉପରେ ବିଶ୍ୱାସ କରେ, ତେବେ ସେ ନିଶ୍ଚିତ ଭାବରେ ସଫଳତା ପାଇପାରିବ। ତେଣୁ, ଆତ୍ମବିଶ୍ୱାସ ହେଉଛି ସଫଳତାର ପ୍ରଥମ ପାହାଚ। ଏହା ଜଣେ ବ୍ୟକ୍ତିକୁ ନିଜ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ପାଇଁ ଶକ୍ତି ଦିଏ। ବିଶ୍ୱାସ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରେ। ପରିବାର, ବନ୍ଧୁତା ଏବଂ ସମାଜ ସମସ୍ତେ ବିଶ୍ୱାସ ଉପରେ ନିର୍ଭର କରନ୍ତି। ଯଦି ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ବିଶ୍ୱାସ ନାହିଁ, ତେବେ ସେହି ସମ୍ପର୍କ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ବୈବାହିକ ଜୀବନରେ, ଯଦି ବିଶ୍ୱାସ ଥାଏ, ତେବେ ଜୀବନ ସୁଖୀ ହୁଏ, ନଚେତ୍ ଅସୁବିଧା ସୃଷ୍ଟି ହୁଏ। ସେହିପରି, ବିଶ୍ୱାସ ହେଉଛି ସମ୍ପର୍କର ମୂଳଦୁଆ।

ବିଶ୍ୱାସ ଆମକୁ ଆଧ୍ୟାତ୍ମିକ ଶକ୍ତି ଦିଏ। ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ବ୍ୟକ୍ତିକୁ ଶକ୍ତି ଏବଂ ଶାନ୍ତି ଦିଏ। କଷ୍ଟକର ସମୟରେ, ଲୋକମାନେ ଈଶ୍ୱରଙ୍କୁ ସ୍ମରଣ କରି ଶାନ୍ତି ପାଆନ୍ତି। ଏହି ବିଶ୍ୱାସ ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଈଶ୍ୱରଙ୍କ କୃପା ସେମାନଙ୍କୁ ସୁରକ୍ଷା ଦେଉଛି; ଏହି ଚିନ୍ତାଧାରା ସେମାନଙ୍କୁ ଶକ୍ତିଶାଳୀ କରେ। ବିଶ୍ୱାସ ଜୀବନରେ ସକାରାତ୍ମକତା ଆଣିଥାଏ। ବିଶ୍ୱାସୀ ଲୋକମାନେ ସର୍ବଦା ସକାରାତ୍ମକ ଚିନ୍ତା କରନ୍ତି। ସେମାନେ ବିଫଳତାକୁ ଶେଷ ଭାବରେ ଦେଖନ୍ତି ନାହିଁ, ବରଂ ଏହାକୁ ଏକ ଶିକ୍ଷା ଭାବରେ ଗ୍ରହଣ କରନ୍ତି। ଏପରି ମନୋଭାବ ସେମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ। ବିଶ୍ୱାସ ସହିତ, ଜଣେ ବ୍ୟକ୍ତି ଅନ୍ଧାରରେ ମଧ୍ୟ ଆଲୋକ ଦେଖିପାରିବ। ବିଶ୍ୱାସ ଆମକୁ ଭୟ ଏବଂ ଆତଙ୍କରୁ ମୁକ୍ତ କରେ। ଯେତେବେଳେ ଆମେ ପଦକ୍ଷେପ ନେବାକୁ ଯାଉ, ଭୟ ଆମକୁ ରୋକିଥାଏ। କିନ୍ତୁ ବିଶ୍ୱାସ ସହିତ, ଆମେ ସେହି ଭୟକୁ ଦୂର କରିପାରିବା। ଜଣେ ସୈନିକ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସହିତ ଯୁଦ୍ଧଭୂମିରେ ନିଜ ଦେଶ ପାଇଁ ଲଢ଼େ। ଏହି ବିଶ୍ୱାସ ତାକୁ ସାହସୀ କରିଥାଏ।

ଅନ୍ଧବିଶ୍ୱାସ ବିଶ୍ୱାସର ଏକ ବିକୃତ ରୂପ। ଅନ୍ଧବିଶ୍ୱାସ ଲୋକଙ୍କୁ ବିପଥଗାମୀ କରିଥାଏ। ଏହା ବୈଜ୍ଞାନିକ ଚିନ୍ତାଧାରାକୁ ବାଧା ଦିଏ ଏବଂ ସମାଜରେ ଅନେକ ଭୁଲ ଧାରଣା ସୃଷ୍ଟି କରେ। ତେଣୁ, ବିଶ୍ୱାସ ବିବେକ ଏବଂ ଜ୍ଞାନ ସହିତ ରହିବା ଉଚିତ। ପ୍ରକୃତ ବିଶ୍ୱାସ ହେଉଛି ତର୍କ ଏବଂ ସତ୍ୟ ଉପରେ ଆଧାରିତ। ଇତିହାସରେ ଅନେକ ଉଦାହରଣ ଅଛି ଯେଉଁଠାରେ ବିଶ୍ୱାସ ମହାନ ଜିନିଷ ହାସଲ କରିଛି। ଅନେକ ବୈଜ୍ଞାନିକ, ସମାଜସେବୀ ଏବଂ ନେତା ସେମାନଙ୍କ ଲକ୍ଷ୍ୟରେ ସେମାନଙ୍କର ଅଟଳ ବିଶ୍ୱାସ ମାଧ୍ୟମରେ ସଫଳତା ହାସଲ କରିଛନ୍ତି। ଅନେକ ଅସୁବିଧା ସତ୍ତ୍ୱେ, ସେମାନେ ସେମାନଙ୍କର ଲକ୍ଷ୍ୟ ପରିତ୍ୟାଗ କରିନଥିଲେ କାରଣ ସେମାନଙ୍କର ବିଶ୍ୱାସ ଦୃଢ଼ ଥିଲା। ଶିକ୍ଷାରେ ବିଶ୍ୱାସ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଶିକ୍ଷକ ତାଙ୍କ ଛାତ୍ରଙ୍କୁ ବିଶ୍ୱାସ କରନ୍ତି, ତେବେ ଛାତ୍ରମାନେ ଉନ୍ନତି କରନ୍ତି। ସେହିପରି, ଯଦି ଛାତ୍ରମାନେ ସେମାନଙ୍କ ଶିକ୍ଷକଙ୍କୁ ବିଶ୍ୱାସ କରନ୍ତି, ତେବେ ଶିକ୍ଷଣ ଉନ୍ନତ ହୁଏ। ଏହି ପାରସ୍ପରିକ ବିଶ୍ୱାସ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରେ। ଆଜିର ସମାଜରେ ବିଶ୍ୱାସର ଅଭାବ ରହିଛି। ଲୋକମାନେ ପରସ୍ପରକୁ ବିଶ୍ୱାସ କରି ପାରୁନାହାନ୍ତି ଯାହା ସମାଜରେ ଅସନ୍ତୋଷ ଏବଂ ଅଶାନ୍ତିର କାରଣ ହୋଇଥାଏ । ତେଣୁ, ଆମକୁ ଜୀବନରେ ବିଶ୍ୱାସ ଫେରାଇ ଆଣିବାକୁ ପଡିବ। ଏଥିପାଇଁ ସତ୍ୟ, ନୈତିକତା ଏବଂ ସ୍ୱଚ୍ଛତା ଆବଶ୍ୟକ। ବିଶ୍ୱାସ ଏକ ଅଦୃଶ୍ୟ କିନ୍ତୁ ଶକ୍ତିଶାଳୀ ଶକ୍ତି। ଏହା ଲୋକଙ୍କୁ ଏକାଠି ବାନ୍ଧିଥାଏ, ସମ୍ପର୍କକୁ ମଜବୁତ କରିଥାଏ ଏବଂ ଜୀବନରେ ସଫଳତା ଆଡକୁ ନେଇଯାଏ। ଯଦି ଆମେ ପ୍ରକୃତ ବିଶ୍ୱାସ ଦ୍ୱାରା ବଞ୍ଚିଥାଉ, ତେବେ ଆମର ଜୀବନ ସୁନ୍ଦର ଏବଂ ସଫଳ ହେବ। ସେହିପରି, ବିଶ୍ୱାସର ଆଶ୍ଚର୍ଯ୍ୟଜନକ ଶକ୍ତିକୁ ବୁଝିବା ଏବଂ ଏହାକୁ ଆମ ଜୀବନରେ ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ କର୍ତ୍ତବ୍ୟ।

**ଅରଙ୍ଗାବାଦ ବରୀ ଯାଜପୁର ମୋବାଇଲ - ୮୨୪୯୫୦୨୭୭୬**

### ଶିକ୍ଷା ସହ ସଂସ୍କାରର ସମନ୍ୱୟରେ ଗଢ଼ାଗଲା ଆଗାମୀ ପିଢ଼ି

# ବ୍ରହ୍ମାକୁମାରୀଜ ର'ପ୍ରେରଣା-୨୦୨୬' ସମର କ୍ୟାମ୍ପରେ ଝଲସିଲା ଶିଶୁ ପ୍ରତିଭା

**ଫୁଲନଖରା, ୭।୬ :** ଫୁଲନଖରାସ୍ଥିତ ବ୍ରହ୍ମାକୁମାରୀଜ୍ ବିଶ୍ୱ ଶାନ୍ତି ସରୋବର, ଅନନ୍ତପୁର ପକ୍ଷରୁ ଆୟୋଜିତ ତିନିଦିନିଆ ସମର କ୍ୟାମ୍ପ 'ପ୍ରେରଣା-୨୦୨୬' ଗତ ୫ ରୁ ୭ ଜୁନ୍ ପର୍ଯ୍ୟନ୍ତ ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ନୈତିକ ମୂଲ୍ୟବୋଧର ସଂବର୍ଦ୍ଧନ ଏବଂ ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ଗଠନ ଉଦ୍ଦେଶ୍ୟରେ ଏହି କ୍ୟାମ୍ପ ଆୟୋଜିତ ହୋଇଥିଲା। ତିନିଦିନ ଧରି ଆୟୋଜିତ ଏହି ଶିବିରରେ ଶିଶୁମାନଙ୍କ ପାଇଁ ବିଭିନ୍ନ ଜ୍ଞାନବର୍ଦ୍ଧକ ଓ ପ୍ରେରଣାଦାୟୀ ସେସନ୍ ଆୟୋଜନ କରାଯାଇଥିଲା। 'ଡିଭାଇନ ୱାଇ-ଫାଇ', 'ନୋ ୟୋରସେଲ୍ଫ ଗ୍ରୋ ୟୋରସେଲ୍ଫ', 'ସ୍କ୍ରିନ୍ ଟାଇମ୍ ବନାମ ଡ୍ରିମ୍ ଟାଇମ୍', 'ମ୍ୟାଜିକ୍ ଅଫ୍ ଓନ୍ ମିନିଟ୍',



'ଭିଟାମିନ୍ସ ଫର୍ କ୍ୟାରେକ୍ଟର', 'ରେନବୋ ପ୍ଲେଟ୍' ଓ 'ଦି ଗ୍ରେଟ୍ ମ୍ୟାଥ୍ ସର୍କସ୍' ଭଳି ଅଭିନବ କାର୍ଯ୍ୟକ୍ରମ ଶିଶୁମାନଙ୍କୁ ଆତ୍ମଚିନ୍ତନ, ସକାରାତ୍ମକ ଚିନ୍ତାଧାରା, ସମୟ ପରିଚାଳନା, ସୁସ୍ଥ ଜୀବନଶୈଳୀ ଏବଂ ଚରିତ୍ର ଗଠନ ସମ୍ପର୍କରେ ଉପଯୁକ୍ତ ଶିକ୍ଷା ପ୍ରଦାନ କରିଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ଛାତ୍ରଛାତ୍ରୀମାନେ ପ୍ରକୃତି ସହ ଯୋଡ଼ି ହୋଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ। ପରିବେଶ ସୁରକ୍ଷା, ବୃକ୍ଷରୋପଣର ମହତ୍ତ୍ୱ ଏବଂ ପ୍ରକୃତି ପ୍ରତି ଦାୟିତ୍ୱବୋଧ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ଶିବିରର ଅନ୍ୟତମ ଆକର୍ଷଣ ଥିଲା ମୂଲ୍ୟବୋଧ ଭିତ୍ତିକ ଅଭିନବ ଖେଳ ଏବଂ ଅନୁଭୂତିମୂଳକ ଶିକ୍ଷା କାର୍ଯ୍ୟକ୍ରମ। ଏହି ସମସ୍ତ କାର୍ଯ୍ୟକଳାପ ମାଧ୍ୟମରେ ଶିଶୁମାନେ ଦଳଗତ କାର୍ଯ୍ୟ, ସତ୍ୟନିଷ୍ଠା, ଶୃଙ୍ଖଳା, ସମ୍ମାନ, ସହାନୁଭୂତି ଓ ସହଯୋଗ ଭଳି ମାନବୀୟ ଗୁଣଗୁଡ଼ିକୁ ଆନନ୍ଦଦାୟକ ଏବଂ ସହଜ ଉପାୟରେ ଶିଖିବାର ସୁଯୋଗ ପାଇଥିଲେ। ଶିବିରର ସମାପନୀ ଉତ୍ସବ ଏକ ବର୍ଣ୍ଣାଢ୍ୟ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍.ଭି. ନିର୍ଟାର୍ର ନିର୍ଦ୍ଦେଶକ ଡ଼ଃ ପତିତପାବନ ମହାନ୍ତି, ସିନର୍ଜି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ର ଅଧ୍ୟକ୍ଷ ଓ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ବିନୋଦ ଦାସ, ମାଧ୍ୟମିକ ଶିକ୍ଷା ବୋର୍ଡର ଉପ-ପରୀକ୍ଷା ନିୟନ୍ତ୍ରକ ଶ୍ରୀ ଚକ୍ରଧର ବେହେରା, ବ୍ରହ୍ମାକୁମାରୀଜ୍ କଟକ ସବ୍-ଜୋନ୍ର ନିର୍ଦ୍ଦେଶିକା ରାଜଯୋଗିନୀ ବି.କେ. ସୁଲୋଚନା ଏବଂ ବି.କେ. ଦେବସ୍ମିତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଏଭଳି ଏକ ସୃଜନଶୀଳ ଓ ମୂଲ୍ୟବୋଧଭିତ୍ତିକ ଶିବିର ଆୟୋଜନ କରି ଶିଶୁମାନଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ମଞ୍ଚ ସୃଷ୍ଟି କରିଥିବାରୁ ବ୍ରହ୍ମାକୁମାରୀଜ୍ ସଂସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ। ସମାପନୀ ଦିବସରେ ଆୟୋଜିତ ଆକର୍ଷଣୀୟ ମ୍ୟାଜିକ୍ ଶୋ' ଶିଶୁମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା। 'ପ୍ରେରଣା-୨୦୨୬' କେବଳ ଏକ ସମର କ୍ୟାମ୍ପ ନୁହେଁ, ବରଂ ଶିଶୁମାନଙ୍କ ମନରେ ସକାରାତ୍ମକ ଚିନ୍ତାଧାରା, ନୈତିକ ମୂଲ୍ୟବୋଧ ଓ ଆତ୍ମବିଶ୍ୱାସର ବୀଜ ରୋପଣ କରିବାର ଏକ ଅନନ୍ୟ ପ୍ରୟାସ ଭାବେ ସଫଳତାର ସହ ସମାପ୍ତ ହୋଇଛି।

### ଗଣମାଧ୍ୟମର ପ୍ରଭାବ

# ସଂଶୋଧିତ ହେଲା ବାଲେଶ୍ୱରର ଇଂରାଜୀ ବନାନ

**ବାଲେଶ୍ୱର, ୭।୬ :** ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ଖବର ପ୍ରକାଶନର ପ୍ରଭାବ ପୁଣିଥରେ ସାମ୍ନାକୁ ଆସିଛି। ବାଲେଶ୍ୱର ସହରର ଡାମୁଳିଆ ବ୍ରିଜ ନିକଟରେ ନିର୍ମିତ ସ୍ୱାଗତ ତୋରଣରେ ଜିଲ୍ଲା ନାମର ଇଂରାଜୀ ବନାନ ଭୁଲ ଥିବା ନେଇ ବିଭିନ୍ନ ଖବର ପ୍ରକାଶ ପାଇଥିଲା। ଖବରରେ ସରକାରଙ୍କ ଅଧିକୃତ ନାମ "BALESHWAR" ପରିବର୍ତ୍ତେ ଅନ୍ୟ ବନାନ ବ୍ୟବହାର ହୋଇଥିବା ଉଲ୍ଲେଖ କରାଯାଇଥିଲା। ଏହି ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ବିଷୟଟିକୁ ଗୁରୁତ୍ୱର ସହ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ତୋରଣରେ ଥିବା ଭୁଲ ଇଂରାଜୀ ବନାନକୁ ହଟାଇ ସରକାରୀ ଭାବେ ସ୍ୱୀକୃତ ଓ ସଠିକ୍ ବନାନ "BALESHWAR"




ଲେଖାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସହରବାସୀ ଏହାକୁ ସ୍ୱାଗତ କରିଥିବା ବେଳେ ଜିଲ୍ଲାର ପରିଚୟ ସହ ଜଡିତ ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶାସନ ତତ୍ପରତା ଦେଖାଇଥିବାରୁ ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଆଞ୍ଚଳିକ ଖବର ପକ୍ଷରୁ ଉଠାଯାଇଥିବା ପ୍ରସଙ୍ଗ ଉପରେ ପଦକ୍ଷେପ ନିଆଯାଇଥିବାରୁ ଗଣମାଧ୍ୟମର ସକାରାତ୍ମକ ଭୂମିକା ପୁଣିଥରେ ପ୍ରମାଣିତ ହୋଇଛି। ଜନସ୍ୱାର୍ଥ ସହ ଜଡିତ ବିଭିନ୍ନ ସମସ୍ୟା ଓ ତ୍ରୁଟିକୁ ସାମ୍ନାକୁ ଆଣିବା ଏବଂ ତାହାର ସମାଧାନ ଦିଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରେ ଗଣମାଧ୍ୟମର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଏହି ଘଟଣା ତାହାର ଏକ ଉଦାହରଣ ବୋଲି ଚର୍ଚ୍ଚା ହେଉଛି।

# ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ଆଦିବାସୀଙ୍କ ସହ ଆଲୋଚନା

**ବୌଦ୍ଧ, ୭।୬ :** ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡମ୍ବରୁଧର କହଁର କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଗସ୍ତରେ ଆସି ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସହ ବିଭିନ୍ନ ଉନ୍ନୟନମୂଳକ ଓ ସାମାଜିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଗସ୍ତ ସମୟରେ ସେ ଆଦିବାସୀ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା, ଆବଶ୍ୟକତା ଓ ସରକାରୀ ଯୋଜନାର ସୁଫଳ ପ୍ରାପ୍ତି ସମ୍ପର୍କରେ ଅବଗତ ହୋଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଏବଂ ଜୀବିକା ବିକାଶ ଭଳି ବିଭିନ୍ନ ପ୍ରସଙ୍ଗରେ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଅଧ୍ୟକ୍ଷ ଶ୍ରୀ କହଁର ଆଦିବାସୀ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଥିବା କହିବା ସହ ଲୋକଙ୍କ ସମସ୍ୟାର ସମାଧାନ ଓ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରଶାସନ ପଦକ୍ଷେପ ନେବ ବୋଲି ଆଶ୍ୱାସନ ଦେଇଥିଲେ। ଏହି ଅବସରରେ କଣ୍ଟାମାଳ ବ୍ଲକ ଆଦିବାସୀ ସଙ୍ଘ ଉପସଭାପତି ତଥା ଉଡେର ଗୌନ୍ତିଆ ପିତାମ୍ବର ଭୋଇ, କନ୍ଧ ସମାଜ ଗବେଷକ ରୋହିତ ଭୋଇ, କନ୍ଧ ସମାଜ କୋଷାଧ୍ୟକ୍ଷ ବଂଶୀଧର ମାଝୀ, ପୂର୍ବତନ ସରପଞ୍ଚ ତଥା ଅନୁସୂଚିତ ଜାତି ନେତା ପ୍ରହଲ୍ଲାଦ ସେଠି ଏବଂ ସ୍ଥାନୀୟ ଆଦିବାସୀ ଲୋକ ଉପସ୍ଥିତ ଥିଲେ।



# ନୀଳମଣି କଲେଜରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର




**ବାଲେଶ୍ୱର, ୭।୬ :** ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଚଳିତ ବର୍ଷର ବିଷୟବସ୍ତୁ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ - ଜଳବାୟୁ ପାଇଁ - ଆମ ଭବିଷ୍ୟତ' ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ବିଷୟବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ପ୍ରକୃତିବନ୍ଧୁ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ବିଷୟ ବିଶେଷଜ୍ଞ ଭାବରେ ପ୍ରାକ୍ତନ ଅଧ୍ୟାପକ ବିଜୟ କୁମାର ବେହେରା, ପ୍ରାକ୍ତନ ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ, ସନ୍ତୋଷ କୁମାର ପ୍ରଧାନ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧିକରୁ ଅଧିକ ବୃକ୍ଷ ରୋପଣ, ପ୍ଲାଷ୍ଟିକ ପ୍ରସ୍ତୁତ ଦ୍ରବ୍ୟ ବ୍ୟବହାର ପ୍ରତିହତ ସମେତ ସର୍ବସାଧାରଣ ଯାନବାହନର ବ୍ୟବହାର ମାଧ୍ୟମରେ ପରିବେଶ ପ୍ରଦୂଷଣକୁ ରୋକାଯାଇ ପାରିବ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ପରିବେଶ ସୁରକ୍ଷା ଦିଗରେ ପ୍ରକୃତି ବନ୍ଧୁ ରବୀନ୍ଦ୍ର ବେହେରା ଓ ହରିନାରାୟଣ ସାହୁ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ବୀଣାପାଣି ଗିରି, ଦୀନେଶ କୁମାର ଜେନା, ଯଜ୍ଞେଶ୍ୱର ଗିରି, ରଶ୍ମିତା ବେହେରା, ରାଜେନ୍ଦ୍ର ଦାସ, ପ୍ରିୟବ୍ରତ ମୁର୍ମୁ, କାନ୍ଦନ ହେମ୍ବ୍ରମ, ମାନସୀ ସ୍ୱାଇଁ, ପ୍ରମୋଦ କୁମାର ବିଶ୍ୱାଳ, ରହିମୁନା ଖାତୁନ, ଜୟସ୍ମିତା ପରିଡ଼ା ଓ ଧନଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରଞ୍ଜନ ମହାଳିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ବଉଳ ଚାରା ରୋପଣ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିତେନ୍ଦ୍ର କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ

**ବାଲେଶ୍ୱର, ୭।୬ :** ସମଗ୍ର ଓଡ଼ିଶାରେ ପ୍ରଥମକରି ରାଜଧାନୀ ଭୁବନେଶ୍ୱରରେ ଗଠନ ହୋଇ ରେଜେଷ୍ଟ୍ରି ଭୁକ୍ତ ହୋଇଥିବା ସାମାଜିକ ସଙ୍ଗଠନ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)'ର ବାଲେଶ୍ୱର ଜିଲ୍ଲା ଶାଖାର ସାଙ୍ଗଠନିକ ବୈଠକ ୩ ତାରିଖ ପୂର୍ବାହ୍ନରେ ସହରସ୍ଥ ମଟର ୟୁନିୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଶାଖାର ସଂପାଦକ ମନମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଶାଖାର ଉପସଭାପତି ଅର୍ଜ୍ଜୁନ ଚରଣ ସାମନ୍ତରାୟ ଯୋଗଦେଇ ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ଗଠିତ ଏହି ରାଜ୍ୟ ସ୍ତରୀୟ ସଙ୍ଗଠନର ବାଲେଶ୍ୱର ଜିଲ୍ଲା ଶାଖାକୁ ପୁର୍ନଗଠିତ କରି କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ଦିଗରେ ବିଶେଷ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ କରି ଖୋଲାଯାଉଥିବା ଶତାଧିକ ମଦ ଦୋକାନ ସହ ପ୍ରତି ଅଞ୍ଚଳରେ ଅବାଧ ମଦ କାରବାର ଫଳରେ ନିଶାଡ଼ିଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିପାଇ ନାନା ଦୁର୍ଘଟଣା ଘଟିବା ସହ ଜନଜୀବନ ଦୁର୍ବିସହ ହୋଇପଡୁଛି। ଏତେବେଳେ ନିଶା ମୁକ୍ତ ଓଡ଼ିଶା ଗଠନ ସମସ୍ତଙ୍କ ପାଇଁ ଏକ ଆହ୍ୱାନରେ ପରିଣତ ହୋଇଛି। ଦଳମତ ଉର୍ଦ୍ଧ୍ୱରେ ଓଡ଼ିଶା ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ମତପୋଷଣ କରିଥିଲେ। ବୈଠକରେ ମୟୂରଭଞ୍ଜ ଜିଲ୍ଲା ଶାଖାର ସଂପାଦିକା ମାଧବୀ ସେନାପତିଙ୍କ ସମେତ ଡ. କାଳୀପଦ ପଣ୍ଡା, ଅଶୋକ କୁମାର ଜେନା, ସାଧୁଚରଣ ମଲ୍ଲିକ, ବିଜୟ କୁମାର ପାତ୍ର, ନିରଞ୍ଜନ ବେହେରା, ଷ୍ଟାଲିନ୍ ମିଶ୍ର, ପ୍ରଫୁଲ୍ଲ କୁମାର ପାତ୍ର, ସନାତନ ମହାନ୍ତି, ଅମରେନ୍ଦ୍ର ନାୟକ, ବୈଦ୍ୟନାଥ ମୁର୍ମୁ, ମୀନକେତନ ବେହେରା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ସାଗେନ ମାଝି, ଗଣେଶ ହେମ୍ବ୍ରମ, ହରିଶ ନନ୍ଦ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅତିଶୀଘ୍ର ବାଲେଶ୍ୱର ଜିଲ୍ଲା ଶାଖାକୁ ପୁର୍ନଗଠନ କରି ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବା ସହ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ବର୍ତ୍ତମାନ ପାଇଁ ଜିଲ୍ଲା ଶାଖାର ଯୁଗ୍ମଆବାହକ ଭାବେ ଡ. କାଳୀପଦ ପଣ୍ଡା ଓ ଶ୍ରୀ ଆଶୋକ ଜେନାଙ୍କୁ ସର୍ବସମ୍ମତି ଭାବେ ମନୋନୀତ କରାଯାଇଥିଲା।

# ସାରଥୀ ବାବାଙ୍କ ପାଦୁକା ପୂଜାରେ ହଜାର ହଜାର ଭକ୍ତଙ୍କ ସମାଗମ





**ଭଦ୍ରକ, ୭।୬ :** ଗତକାଲି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ପଞ୍ଚାୟତର ରାଣୀ ଗଡ଼ିଆ ଠାରେ ଦଶ ହଜାରରୁ ଉର୍ଦ୍ଧ ସାରଥୀ ଭକ୍ତ ଙ୍କର ସମାଗମ ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ ସାରଥୀ ଦୀର୍ଘ ଦିନର ବ୍ୟବଧାନ ପରେ,ପୁଣି ହଜାର ହଜାର ଭକ୍ତଆଜି ଏକତ୍ରିତ ହୋଇ ସାରଥୀଙ୍କ ପ୍ରେମରେ ମଗ୍ନ ହୋଇ ଗୀତ ଗାଇ ନାଚିବାର ଦୃଶ୍ୟ ବୟାନ କରୁଛି ଯେ ଆଜି ବି ବାବା ସାରଥୀଙ୍କ ପାଇଁ ରାଜ୍ୟସାରା ଅନେକ ଶୁଭେଛୁ ଓ ଭକ୍ତ ଏବେ ବି ଅପେକ୍ଷା କରିଛନ୍ତି। ସାରଥୀ ବାବାଙ୍କୁ ବଦନାମ କରିବାକୁ କିଛି ଦିନ ପୂର୍ବରୁ ଗୋଟେ ମିଡ଼ିଆ ହାଉସ ନିଜ ଟିଆରପି ପାଇଁ ବଳି ପକେଇ ଦେଇଥିଲା ବୋଲି ଭକ୍ତଙ୍କ ପତିକ୍ରିୟା ଶୁଣିବାକୁ ମିଳୁଥିଲା। ବିନା କାରଣରେ ବାବାଙ୍କୁ ବଳି ପକେଇବାକୁ ଗତ ବିଜେଡି ସରକାର ଏକ ସୁଚିନ୍ତିତ ପ୍ଲାନ କରିଥିଲା ବୋଲି ଅଭିଯୋଗ କରିଛନ୍ତି ଭକ୍ତ। ଖୁବଶୀଘ୍ର ବାବାଙ୍କ ଉପରୁ କୋର୍ଟଙ୍କ ରାୟ କୋହଳ ହେବା ପରେ ଭକ୍ତ ମାନଙ୍କୁ ପ୍ରବଚନ ମାଧ୍ୟମରେ ଆଉ ଥରେ ନିଜ କଥା ରଖିବେ ବୋଲି ଶୁଣିବାକୁ ମିଳିଥିଲା। ଏବେ ଅଦାଲତ ୨ ଶହ ଭକ୍ତଙ୍କୁ ସାଙ୍ଗରେ ଧରି ପ୍ରବଚନ ଦେବାକୁ ଅନୁମତି ଦେଇଥିଲେ ବି ବାବା ସାରଥୀ ପୁରା ନିରବ ଅଛନ୍ତି।

### ବାଜା ଓ ଖଞ୍ଜଣି ବଜାଇ ଭତ୍ତା ପାଇଁ ଅଭିନବ ପ୍ରତିବାଦ

# ୩ ମାସ ଧରି ଭତ୍ତା ମିଳୁନଥିବା ଅଭିଯୋଗ, ବିଡିଓଙ୍କୁ ୭ ଦିନର ମହଲତ

**ବାଲେଶ୍ୱର, ୭।୬ :** ତିନି ମାସ ଧରି ଭତ୍ତା ମିଳୁନଥିବା ଅଭିଯୋଗରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶତାଧିକ ବୃଦ୍ଧ, ବିଧବା ଓ ବିକଳାଙ୍ଗ ହିତାଧିକାରୀ ଶନିବାର ବାଜା ଓ ଖଞ୍ଜଣି ବଜାଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ସେମାନେ ସଦର ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଏକ ଦାବିପତ୍ର ପ୍ରଦାନ କରି ଶୀଘ୍ର ସମସ୍ୟାର ସମାଧାନ ଦାବି କରିଛନ୍ତି। ହିତାଧିକାରୀମାନଙ୍କ ଅଭିଯୋଗ ଅନୁସାରେ, ନିର୍ବାଚନ ସମୟରେ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ୩



ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ପୂର୍ବରୁ ସେମାନେ ବ୍ୟାଙ୍କ ଖାତା ଜରିଆରେ ନିୟମିତ ଭାବେ ଭତ୍ତା ପାଉଥିବା ବେଳେ ଗତ ତିନି ମାସ ହେଲା ଭତ୍ତା ଆସୁନାହିଁ। ଅନ୍ୟ କେତେକ ସ୍ଥାନରେ ନଗଦ ଆକାରରେ ଭତ୍ତା ବଣ୍ଟନ କରାଯାଉଥିବା ବେଳେ ବ୍ୟାଙ୍କ ଖାତା ମାଧ୍ୟମରେ ଭତ୍ତା ପାଉଥିବା ଲୋକଙ୍କ ପ୍ରତି ଅବହେଳା କରାଯାଉଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ବାର୍ଦ୍ଧକ୍ୟ ଓ ଶାରୀରିକ ଅକ୍ଷମତା କାରଣରୁ ଦୈନନ୍ଦିନ ଜୀବନଯାପନରେ ଅନେକ ସମସ୍ୟା ଭୋଗୁଥିବା ଏହି ହିତାଧିକାରୀମାନେ ଭତ୍ତା ନପାଇ ଆର୍ଥିକ ସଙ୍କଟରେ ପଡ଼ିଥିବା କହିଛନ୍ତି। ଆଗାମୀ ସାତ ଦିନ ମଧ୍ୟରେ ବକେୟା ତିନି ମାସର ଭତ୍ତା ବ୍ୟାଙ୍କ ଖାତାରେ ଜମା ନହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ନିରଞ୍ଜନ ପାତ୍ର, ପାରୁଲି ଧରାମି, ବାସନ୍ତୀ ମଣ୍ଡଳ, ମହାଦେବ ମିର୍ଦ୍ଧା, ଚମତ୍କାର ମିର୍ଦ୍ଧାଙ୍କ ସମେତ ଶତାଧିକ ହିତାଧିକାରୀ ସାମିଲ ହୋଇଥିଲେ। ସେହିପରି ଜିଲ୍ଲା ସଭାପତି ନାରାୟଣ ପ୍ରଧାନ, ମାନସ ଦାସ ପଟ୍ଟନାୟକ, ଅଙ୍କୁର ତରାଇ, ଶଶଧର ପଟ୍ଟନାୟକ, ବରଦା ପ୍ରସନ୍ନ ପଟ୍ଟନାୟକ, ସଞ୍ଜୟ କୁମାର ମଣ୍ଡଳ ଓ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଏନେଇ ବାଲେଶ୍ୱର ସଦର ବିଡିଓ ଉତ୍ତମ କୁମାର ଜେନା କହିଛନ୍ତି ଯେ, ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ହିତାଧିକାରୀମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯିବ ଏବଂ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ।

# ମା' ଅଗ୍ନିଗଙ୍ଗାମ୍ମା ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ର ବାର୍ଷିକ ସାଧାରଣ ସଭା

**ପିଚୁଡ଼ି, ରାୟଗଡ଼ା, ୭।୬:** ରାୟଗଡ଼ା ଜିଲ୍ଲାର ରାୟଗଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମ ପଞ୍ଚାୟତର ପିଚୁଡ଼ି ଗ୍ରାମରେ ମା' ଅଗ୍ନିଗଙ୍ଗାମ୍ମା ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ ?ର ବାର୍ଷିକ ସାଧାରଣ ସଭା (ଇଏଗ) ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କୁଟୁଲି, କୁମ୍ଭିକୋଟା ଓ ନାକିଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୧୫୦ ଜଣ ଚାଷୀ ସଦସ୍ୟ ଓ ଅଂଶୀଦାର ଯୋଗଦାନ କରିଥିଲେ। ସଭା ଆରମ୍ଭରେ କମ୍ପାନୀର ନିର୍ଦ୍ଦେଶକମଣ୍ଡଳୀ ଓ ପଦାଧିକାରୀ ଶ୍ରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଗତ ଆର୍ଥିକ ବର୍ଷର କାର୍ଯ୍ୟକଳାପ, ଆର୍ଥିକ ବିବରଣୀ, କମ୍ପାନୀର ଉପଲବ୍ଧି ଏବଂ ଚାଷୀମାନଙ୍କ ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ବାର୍ଷିକ ରିପୋର୍ଟ




ଏବଂ ଆୟ-ବ୍ୟୟ ବିବରଣୀ ସଭାରେ ଉପସ୍ଥାପନ କରାଯାଇଥିଲା ଓ ସଦସ୍ୟମାନଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା। ସଭାରେ ଚାଷୀମାନଙ୍କର ଆୟ ବୃଦ୍ଧି, ଜୈବିକ ଚାଷର ପ୍ରସାର, ମିଲେଟ୍ ଓ ପନିପରିବା ଚାଷର ପ୍ରୋତ୍ସାହନ, କୃଷି ଉତ୍ପାଦର ସାମୂହିକ ବିପଣନ ଏବଂ ଉତ୍ପାଦର ଉଚିତ ମୂଲ୍ୟ ପ୍ରାପ୍ତି ଉପରେ ବିଶେଷ ଆଲୋଚନା ହୋଇଥିଲା। ଚାଷୀମାନେ ନିଜ ନିଜ ଅଞ୍ଚଳର କୃଷି ସମସ୍ୟା ଏବଂ ସମ୍ଭାବନା ସମ୍ପର୍କରେ ମତାମତ ରଖିଥିଲେ। କମ୍ପାନୀ ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତ ବିହନ, କୃଷି ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ଆଗାମୀ ଦିନରେ ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ କୃଷି ଉତ୍ପାଦର ମୂଲ୍ୟ ସଂଯୋଜନ, ପ୍ରକ୍ରିୟାକରଣ ଏବଂ ବଜାରୀକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀମାନଙ୍କର ଆର୍ଥିକ ସଶକ୍ତିକରଣ ଏବଂ ସାମୂହିକ କୃଷି ବ୍ୟବସାୟକୁ ସୁଦୃଢ଼ କରିବା ନିମନ୍ତେ ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶେଷରେ ଆଗାମୀ ବର୍ଷ ପାଇଁ କମ୍ପାନୀର କାର୍ଯ୍ୟଯୋଜନା ଉପସ୍ଥାପନ କରାଯାଇଥିଲା ଏବଂ ଚାଷୀମାନଙ୍କ ଆୟ ବୃଦ୍ଧି ସହ ଅଞ୍ଚଳର କୃଷି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ସଦସ୍ୟ ସଂକଳ୍ପ ନେଇଥିଲେ। କୁଟୁଲି, କୁମ୍ଭିକୋଟା ଓ ନାକିଟି ଗ୍ରାମ ପଞ୍ଚାୟତରୁ ଆସିଥିବା ୧୫୦ ଜଣ ଚାଷୀଙ୍କ ସକ୍ରିୟ ଅଂଶଗ୍ରହଣ ମଧ୍ୟରେ ସଭା ସଫଳତାର ସହ ସମାପ୍ତ ହୋଇଥିଲା।

# ଶମ୍ଭୁନାଥ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ନିଯୁକ୍ତିକୁ ନେଇ ସ୍ୱାଗତ କଲେ ସ୍ଥାନୀୟ ଜନସାଧାରଣ

**ବସ୍ତା, ୭।୬ :** ଶମ୍ଭୁନାଥ ହାଇସ୍କୁଲର ନୂତନ ପ୍ରଧାନ ଶିକ୍ଷୟତ୍ରୀ ନିଯୁକ୍ତିକୁ ସ୍ୱାଗତ।ସୂଚନା ଥାଉ କି ଯେ, ଗତ କିଛି ଦିନ ତଳେ ନୂତନ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ସ୍କୁଲରେ ପୁରାଇ ନ ଦେବାକୁ ଦାବିରେ ଅଡି ବସିଥିଲେ।ସ୍କୁଲ ଗେଟରେ ତାଲା ପକାଇ ବିରୋଦ୍ଧ କରିଥିଲେ,ସୂଚନା ଅନୁସାରେ ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ ସମୟ ଧରି ସହକାରୀ ଶିକ୍ଷୟତ୍ରୀ ଏବଂ ତିନି ବର୍ଷ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ଥିବା ଶ୍ରୀମତୀ ଅଳକା ବିନ୍ଧାଣୀ,ସ୍କୁଲର ବିଭିନ୍ନ ଯୋଜନାକୁ ଅର୍ଥ ହଡପ ଘଟଣାରେ ପ୍ରଶାସନିକ ସ୍ତରରେ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀରୁ ସହକାରୀ ଶିକ୍ଷୟତ୍ରୀ କରାଯାଇ ଥିଲା। ତେବେ ସରକାରୀ ସ୍ତରରେ ପୁଣି ଶମ୍ଭୁନାଥ ହାଇସ୍କୁଲରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ ଶ୍ରୀମତୀ ବିନ୍ଧାଣୀଙ୍କୁ ନିଯୁକ୍ତିକୁ ପାଇଥିବାରୁ ବିଜେପି ନେତା ବାବୁ ପାଣିଙ୍କ ପୂର୍ବତନ ସରପଞ୍ଚ ବିଶୁ ସିଂହ, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ବିଭୂତି ପ୍ରଧାନ, ସରୋଜ ଗିରୀଙ୍କ ସମେତ ବହୁ ମହିଳା ନେତା ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ସମର୍ଥନ ଜଣାଇ ସ୍କୁଲ ମୁଖ୍ୟ ଫାଟକ ସମ୍ମୁଖ ବେନର ଧରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେ ଆଜି ସ୍ଥାନୀୟ ଲୋକେ ତାଙ୍କର ପୁନଃ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇ ଥିବାରୁ ସରକାରଙ୍କ ନିଷ୍ପତିକୁ ସ୍ୱାଗତ ଜଣାଇବା ସହ ଅଭାବନୀୟ ଢ଼ଙ୍ଗରେ ତାଙ୍କୁ ସ୍ୱାଗତ କରିଥିଲେ।



### ଶିକ୍ଷା ବିକାଶକୁ ବିଧାୟକ ସରୋଜଙ୍କ ଗୁରୁତ୍ୱ

# ବାମଣ୍ଡା ସ୍କୁଲକୁ ମିଳିଲା ମାନ୍ୟତା

### ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କଲେ ଭିତ୍ତି ପ୍ରସ୍ତର ସ୍ଥାପନ..ଅଞ୍ଚଳବାସୀ ଖୁସି



**ହରଭଙ୍ଗା,୭।୬ :** ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ଅନ୍ତର୍ଗତ ବାମଣ୍ଡା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଛି। ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପଦକ୍ଷେପ ଶିକ୍ଷାର ଗୁଣାତ୍ମକ ବିକାଶ ସହ କ୍ରୀଡା ଓ ସାମଗ୍ରିକ ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ବିଡିଓ ବିଜୟ କୁମାର ପ୍ରଧାନ, ବିଇଓ ହାଡିବନ୍ଧୁ ବେହେରା, ପ୍ରଧାନ ଶିକ୍ଷକ ଅରବିନ୍ଦ ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ■ କଳାହାଣ୍ଡିରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲା ବିକଶିତ କଳାହାଣ୍ଡି-ନୂଆପଡ଼ା ସଂଗଠନ

**ଭବାନୀପାଟଣା,୭।୬ :** ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ। ଏହାକୁ ଦୃଷ୍ଟିରେ ରଖି କେବିକେ ଅଞ୍ଚଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଳାହାଣ୍ଡି ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆଉ ତିନୋଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରିଛି ବିକଶିତ କଳାହାଣ୍ଡି-ନୂଆପଡ଼ା ନାମକ ଅଗ୍ରଣୀ ନାଗରିକ ସଂଗଠନ। କଳାହାଣ୍ଡି ଜିଲ୍ଲାର କେସିଙ୍ଗା, ମଦନପୁର ରାମପୁର ଏବଂ ଥୁଆମୂଳ ରାମପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି ସଂଗଠନର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ। ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାରତୀୟତା ଓ ଜାତୀୟ ଏକତାର ଭାବନାକୁ ପ୍ରୋତ୍ସାହିତ କରିବାରେ ଏହି ବିଦ୍ୟାଳୟ ସକ୍ଷମ ହେବ। ସେହିପରି ହିନ୍ଦୀ ଓ ଇଂରାଜୀ ଭଳି ଦ୍ୱିଭାଷୀ ମାଧ୍ୟମରେ ଶିକ୍ଷାଦାନ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପାଇଁ ପଥ ପ୍ରଶସ୍ତ କରିବ ବୋଲି ଡ. ନିଆଲ ଆଶାପୋଷଣ କରିଛନ୍ତି। ଦେଶର ବିଭିନ୍ନ ଅଞ୍ଚଳରେ ଏକାଧିକ କେନ୍ଦ୍ରୀୟ ବିଦ୍ୟାଳୟ ରହିଥିବାବେଳେ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ସେ ଦର୍ଶାଇବା ସହିତ ଶିକ୍ଷା ଓ ମାନବସମ୍ବଳ ବିକାଶ ଦିଗରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସଠିକ ପଦକ୍ଷେପ ଭାବେ ସାବ୍ୟସ୍ତ ହେବ ବୋଲି ସେ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କିତ ଦାବିପତ୍ର କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପ୍ରେରଣ କରିଥିବା ଜଣାପଡିଛି। ଏହାସହିତ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀଙ୍କୁ ପ୍ରେରଣ କରିଥିବା ଜଣାପଡ଼ିଛି। ଅପରପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦାବିପତ୍ର ଗ୍ରହଣ କରିବା ସହିତ ମନ୍ତ୍ରଣାଳୟ ଏହି ବିଷୟରେ ଅନୁଧ୍ୟାନ ପୂର୍ବକ ପଦକ୍ଷେପ ନେଉଥିବା ସୂଚନା ମିଳିଛି।

# କୋର୍ଟରେ ତାଲୁକ ଆଇନ ସେବା ସମିତି ତରଫରୁ ବୃକ୍ଷରୋପଣ

**କୋଟପାଡ଼,୭।୬ :** କୋଟପାଡ଼ କୋର୍ଟ ପରିସରରେ କୋଟପାଡ଼ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ବିଚାରପତି ଶ୍ରୀଯୁକ୍ତ ତ୍ରିଯିବ କୁମାର ନନ୍ଦ ଙ୍କ ଅଧ୍ୟକ୍ଷତା ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା.ନୂତନ ଭାବରେ ଯୋଗ ଦେଇଥିବା ରେଞ୍ଜର ମାନସ ରଞ୍ଜନ ନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ.ଅନ୍ୟ ମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ,ବରିଷ୍ଠ ଓକିଲ ଜିତେନ୍ଦ୍ର ନାଥ ମହାପାତ୍ର,ସମ୍ପାଦକ ମୁକ୍ତେଶ୍ୱର ନାୟକ,ଯୁଗ୍ମ ସମ୍ପାଦକ ଅଜିତ ପଟ୍ଟନାୟକ,ପଙ୍କଜ ପାତ୍ର,ପ୍ରଦୀପ ବକ୍ସି,ଶଙ୍କର ପଣ୍ଡା,ସଂଗ୍ରାମ ଜେନା,ଚିନୁ ଷଡ଼ଙ୍ଗୀ,ଅଜିତ ପାତ୍ର, ଘନଶ୍ୟାମ ବିଶୋଇ,ଲିଙ୍ଗରାଜ ନାୟକ,ଖଗପତୀ ପାତ୍ର,କୋଟପାଡ଼ କୋର୍ଟ ର ସମସ୍ତ କର୍ମଚାରି,ପୋଲିସ ବାହିନୀ ପ୍ରମୁଖ ଓ କୋଟପାଡ଼ ବନ ବିଭାଗର ସମସ୍ତ କର୍ମଚାରୀ ମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ, ଏଥି ସହିତ କୋଟପାଡ଼ କୋର୍ଟ ପରିସରର ବିଭିନ୍ନ ଗଛ ମାନଙ୍କର ଗଣନା କରାଯାଇଥିଲା।



### ଗମନାଗମନର ବଦଳୁଛି ବିକାଶ ଚିତ୍ର

# ୨୧କୋଟିରୁ ଅଧିକ ଟଙ୍କାର ବ୍ରିଜ୍ ଓ ସଡ଼କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବୌଦ୍ଧ,୭।୬ :** ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲାରେ ବହୁ ପ୍ରତୀକ୍ଷିତ ତିନୋଟି ପ୍ରମୁଖ ବିକାଶମୂଳକ ପ୍ରକଳ୍ପର ରବିବାର ଦିନ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ମୋଟ ୨୧ କୋଟି ୮୫ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ଅଟକଳ କରାଯାଇଛି। ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାହାଲୀ ନାଳ ଉପରେ ଦୀର୍ଘଦିନର ଦାବି ଅନୁଯାୟୀ ୮ କୋଟି ୫୯ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟରେ ଏକ ନୂତନ ବ୍ରିଜ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ବ୍ରିଜ୍ ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ବହୁ ଦିନର ଯାତାୟାତ ସମସ୍ୟାର ସମାଧାନ ହେବା ସହ ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ। ସେହିପରି ହରଭଙ୍ଗା ବ୍ଲକ କରଞ୍ଜାକଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୂର୍ତ୍ତ ବିଭାଗ ରାସ୍ତାଠାରୁ ବାହାଲୀ ଭାୟା ସୋରିଷପଖାଳ ପର୍ଯ୍ୟନ୍ତ ସଡ଼କର ଉନ୍ନତିକରଣ ପାଇଁ ୬ କୋଟି ୧୨ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟରେ କାମ ଆରମ୍ଭ ହେବ। ଏହାସହ ଜାତୀୟ ରାଜପଥ-୫୭ ଠାରୁ ମାର୍ଦ୍ଦିଙ୍ଗ ଭାୟା ଲୁଣ୍ଡୁରୁଯୋର ଓ ଭଉଁରିପଥର ପର୍ଯ୍ୟନ୍ତ ସଡ଼କର ଉନ୍ନତିକରଣ ପାଇଁ ମଧ୍ୟ ୬ କୋଟି ୧୨ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ସହ କୃଷି, ବାଣିଜ୍ୟ ଏବଂ ଶିକ୍ଷା କ୍ଷେତ୍ରର ବିକାଶକୁ ନୂଆ ଦିଗ ମିଳିବ ବୋଲି ଆଶା କରାଯାଉଛି। ବିଶେଷକରି ସ୍ଥାନୀୟ ବିଧାୟକଙ୍କ ନିରନ୍ତର ଉଦ୍ୟମ, ଓ ଅଞ୍ଚଳବାସୀଙ୍କ ଦାବି ପ୍ରତି ସକାରାତ୍ମକ ମନୋଭାବ ଯୋଗୁଁ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପଗୁଡ଼ିକ ଅନୁମୋଦନ ପାଇଥିବାରୁ ସ୍ଥାନୀୟ ଲୋକମାନେ ବିଧାୟକଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଦୀର୍ଘଦିନ ଧରି ଅବହେଳିତ ରହିଥିବା ଏହି ଅଞ୍ଚଳଗୁଡ଼ିକରେ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଥିବା ବେଳେ ଲୋକମାନେ ଏହାକୁ ବିଧାୟକଙ୍କ ଦୂରଦୃଷ୍ଟି ଓ ବିକାଶମୂଳକ ଚିନ୍ତାଧାରା ବୋଲି ମତ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ବୌଦ୍ଧ ଜିଲ୍ଲାର ଗ୍ରାମୀଣ ବିକାଶକୁ ଅଧିକ ଗତିଶୀଳ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି।

# ସଡ଼କ ଦୁର୍ଘଟଣାରେ ଯୁବ ଛାତ୍ର ବିକାଶ ନାୟକଙ୍କ ଅକାଳ ବିୟୋଗ



**କୋଟପାଡ଼,୭।୬ :** କୋଟପାଡ଼ ଅଞ୍ଚଳର କେନ୍ଦୁଗୁଡା ଗ୍ରାମର ଗୌରୀ ନାୟକଙ୍କ ଏକ ମାତ୍ର ପୁତ୍ର ବିକାଶ ଚନ୍ଦ୍ର ନାୟକଙ୍କ ମୃତ୍ୟୁ ହୋଇଯାଇଛି,ସେ ତାଙ୍କର ଜୟପୁର ରେଲୱେ ପାଖରେ ଥିବା ଜାଗାର ପଟା କାମପାଇଁ ଗତ ଗବଛ ୧୮ ତାରିଖ ଜୟପୁର ତହସିଲକୁ ନିଜ ବାଇକ ସୁଜୁକି ଏସଏସ ୧୨୫,ବାଇକ ନଂ ଓଡ଼ି୧୦-ଜ୮୦୬୪ ରେ ଯାଉଥିବା ସମୟରେ ସାମ୍ନାରେ ଗୋଟିଏ ଅଜଣା ଟ୍ରକରେ ଧୋକା ହୋଇଥିଲା, ସଙ୍ଗେ ସଙ୍ଗେ ତାଙ୍କୁ ଜୟପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା,ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ,ସୂଚନା ଥାଉକି ବିକାଶ ଚନ୍ଦ୍ର ନାୟକ ଏକ ମାତ୍ର ରୋଜଗାରୀ ପୁଅ ଥିଲେ, ସେ ଗୋଟିଏ ଧାନମିଲରେ କାର୍ଯ୍ୟ କରି ଘରର ଭରଣ ପୋଷଣ କରୁଥିଲେ,ବିଶେଷ କରି ତାଙ୍କର ତିନି ଭଉଣୀ ମଧ୍ୟ ଅଛନ୍ତି,ଘରର ରୋଜଗାରୀ ପୁଅ ହରେଇ ବାପା,ମା ଙ୍କ ସହିତ ତିନି ଭଉଣୀ ମୁଣ୍ଡରେ ହାତ ଦେଇ ଚିନ୍ତିତ ଥିବାର ଦେଖିବାକୁ ମିଳିଛି,ସରକାରୀ ତୋରଫରୁ ସହାୟତା ମିଳିଲେ ପରିବାର ସଦସ୍ୟ ଚିର ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ।

# ଦନ୍ତା ହାତୀ ଆକ୍ରମଣରେ ବୃଦ୍ଧା ମୃତ



**ବଣାଇଁ,୭।୬ :** ଶୌଚ ପାଇଁ ଯାଉଥିବାବେଳେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏମିତି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲ୍ଲା ବାଙ୍କୀ ରେଞ୍ଜର ସାଲେଇଡିହି ଗ୍ରାମରେ। ଆଜି ଭୋର୍ ସକାଳୁ ସକାଳୁ ସାଲେଇଡିହି ଗ୍ରାମର ବୃଦ୍ଧା ଯମୁନା ମାହାନ୍ତ ଶୌଚ ପାଇଁ ବିଲକୁ ଯାଇ ଥିବାବେଳେ ହଟାତ ଏକ ଦନ୍ତା ହାତୀ ଆସି ଉକ୍ତ ବୃଦ୍ଧାଙ୍କୁ ଟେକି କଚାଡ଼ି ଦେବା ସହ ଗୋଡ଼ରେ ଦଳୀ ଦେଇଥିଲା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଜଣାପଡିଛି। ଘଟଣା ସ୍ଥଳରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିବା ବେଳେ ଘଟଣାର ଦୀର୍ଘ ସମୟ ବିତି ଯାଇଥିଲେ ସୁଦ୍ଧା ବନ୍ ବିଭାଗର କେହି କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିନଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ।

### ବେଆଇନ ବାଲି ଚାଲାଣର ପର୍ଦ୍ଦାଫାଶ

# ହାଇୱା ଜବତ ସହ ଚାଳକ ଗିରଫ

### ■ ମାଲିକଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଜୋରଦାର



**ଫୁଲନଖରା,୭।୬ :** ପାହାଳ ଥାନା ପୁଲିସ ବେଆଇନ ବାଲି ଓ ମାଟି ଚାଲାଣ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଏକ ବଡ଼ ସଫଳତା ହାସଲ କରିଛି। ହଂସପାଳ ଛକ ନିକଟରେ ରାତ୍ରିକାଳୀନ ପେଟ୍ରୋଲିଂ ଓ ବ୍ଲକିଂ ସମୟରେ ପୁଲିସ ଏକ ବେଆଇନ ବାଲି/ମାଟି ବୋଝେଇ ହାଇୱା ଟ୍ରକକୁ ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ପାହାଳ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ହଂସପାଳ ଛକ ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଂ ଓ ଯାଞ୍ଚ କାର୍ଯ୍ୟ ଚଳାଇଥିବା ବେଳେ ପୁରୀ କେନାଲ ପାର୍ଶ୍ୱରୁ ଏକ ହାଇୱା ଟ୍ରକ ବାଲି/ମାଟି ଭର୍ତ୍ତି ଅବସ୍ଥାରେ ଆସୁଥିବା ଦେଖିଥିଲେ। ପୁଲିସକୁ ଦେଖି ଟ୍ରକ ଚାଳକ ଦ୍ରୁତ ଗତିରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ଟିମ୍ ତୁରନ୍ତ ଗାଡ଼ିଟିର ପିଛା କରି ତାହାକୁ ଅଟକାଇବାରେ ସଫଳ ହୋଇଥିଲେ। ପରବର୍ତ୍ତୀ ଯାଞ୍ଚ ବେଳେ ଟ୍ରକରେ ବହୁ ପରିମାଣର ବାଲି ଓ ମାଟି ବୋଝେଇ ହୋଇଥିବା ଜଣାପଡ଼ିଥିଲା। ପୁଲିସ ପକ୍ଷରୁ ପରିବହନ ସମ୍ପର୍କିତ ବୈଧ କାଗଜପତ୍ର, ପରମିଟ୍ ଓ ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲେ ମଧ୍ୟ ଚାଳକ କୌଣସି ବୈଧ ଦସ୍ତାବିଜ ଦେଖାଇ ପାରିନଥିଲେ। ପଚରାଉଚରା ସମୟରେ ସେ ଟ୍ରକ ମାଲିକ ସଦାନନ୍ଦ ସାହୁଙ୍କ ନିର୍ଦ୍ଦେଶରେ ବେଆଇନ ଭାବେ ବାଲି ପରିବହନ କରୁଥିବା ସ୍ୱୀକାର କରିଥିଲେ। ଏହାପରେ ପୁଲିସ ଅଭିଯୁକ୍ତ ଚାଳକ ଶ୍ରୀଧର ବଳିଆ (୨୭)ଙ୍କୁ ଗିରଫ କରିବା ସହ ବେଆଇନ ବାଲି/ମାଟି ବୋଝେଇ ହାଇୱା ଟ୍ରକକୁ ଜବତ କରିଥିଲା। ଏହି ଘଟଣାରେ ପାହାଳ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବେଆଇନ ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ପାଇଁ ପାହାଳ ପୁଲିସ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି କଡ଼ା ଯାଞ୍ଚ ଓ ଚଢ଼ାଉ ଜାରି ରହିବ ବୋଲି ଜଣାପଡ଼ିଛି। ବର୍ତ୍ତମାନ ମାମଲାର ଅଧିକ ତଦନ୍ତ ଚାଲିଛି।

# ରୂପସା ପୋଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା

**ବସ୍ତା,୭।୬ :** ବିଶ୍ୱ ସାଇକେଲ ଦିବସ ପାଳନ ଅବସରରେ ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ରୂପସା ପୋଲିସ ଓ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ମିଳିତ ଆନୁକୁଲ୍ୟରେ ଏକ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରୂପସା ଥାନା ଭାରପ୍ରାପ୍ତ ଅଧିକାରୀ ସୌମ୍ୟଚିତ ମିଶ୍ର ଉଦଘାଟନ କରିଥିଲେ। ସେ ସାଇକେଲ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ପୋଲିସ ଅଧିକାରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଦୈନନ୍ଦିନ ସାଇକେଲ ଚାଳନା ଦ୍ୱାରା ମଣିଷ ସୁସ୍ଥ, କର୍ମଚଞ୍ଚଳ ରହିବା ସହ ପରିବେଶ ପ୍ରଦୂଷଣକୁ ରୋକିବାରେ ସହାୟକ ହୋଇଥାଏ ବୋଲି ସୂଚନା ପ୍ରଦାନ କରିଥିଲେ । ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ରୂପସା ଥାନାର ପୋଲିସ ଅଧିକାରୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନ ସଚେତନତା ପାଇଁ ଆୟୋଜିତ ସାଇକେଲ ଶୋଭାଯାତ୍ରା ରୂପସା ଥାନାରୁ ବାହାରି କସିପଦା ଓ ପୋଡାଡ଼ିହା ଦେଇ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାକୁ ପ୍ରକୃତି ବନ୍ଧୁ ଦେବେନ୍ଦ୍ର ଆଚାର୍ଯ୍ୟ, ପ୍ରକୃତି ବନ୍ଧୁ ସନାତନ ମଲ୍ଲିକ, ପ୍ରକୃତି ବନ୍ଧୁ ରବୀନ୍ଦ୍ର ବେହେରା, ରାଜେଶ ସ୍ୱାଇଁ, ସଞ୍ଜୟ ପ୍ରଧାନ, ଯଜ୍ଞେଶ୍ୱର ଗିରି, ମନ୍ମଥ ଦଳେଇ, ବୀଣାପାଣି ଗିରି, କାଜଲ ବାରିକ, ଆକାଶ ମାଝୀ, ଗୋପୀନାଥ ଦଳେଇ, ହିମାଂଶୁ ଶେଖର ପାଣିଗ୍ରାହୀ ଓ ରଣଜିତ୍ ତପସ୍ୱୀ ପ୍ରମୁଖ ପରିଚାଳନା କରିଥିଲେ । ରୂପସା ଥାନା ପକ୍ଷରୁ ସାଇକେଲ ଶୋଭାଯାତ୍ରାରେ ଅଂଶଗ୍ରହଣକାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।




# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ବଣାଇଁ,୭।୬ :** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଟପରିଆର ଠାରେ ରବିବାର ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଇଓ କରୁଣା ସାଗର ପଟେଲଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ମା, ପୁର୍ବତନ ବ୍ଲକ ଅଧକ୍ଷ ଗୋପାଳ ଚନ୍ଦ୍ର ପଧାନ,ଏବିଇଓ ଡୋଲାମଣି ପଟେଲ, ସରପଞ୍ଚ ସୋନିଆ ବୈଗା, ସମିତି ସଭ୍ୟା ପାଉଲିନା ଲାକ୍ରା,ଜିଏମଡିସିର କ୍ୟାପଟେନ ରଣବୀର ସିଂ, ସିଆରସିସି ରାମଲାଲ ପଟେଲ ତଥା ଅବସରରେ ପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ସୁମୁରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଚୈଧୁରୀ ମଞ୍ଚ ପରିଚାଳନା କରିଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଳାମ୍ବର ପଧାନ,ପରିଚାଳନା କମିଟିର ସଭ୍ୟ, ସଭ୍ୟା ଓ ଗ୍ରାମ ବାସି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବୃଦ୍ଧଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



**ବାଲେଶ୍ୱର,୭।୬ :** ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଓଲନ୍ଦା ସାରଗାଁ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ପ୍ରାୟ ୨୦ରୁ ୨୫ ଦିନ ଧରି ନିଖୋଜ ଥିବା ଜଣେ ବୃଦ୍ଧଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ସ୍ଥାନୀୟ ଜଙ୍ଗଲରୁ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ହେଲେ ଓଲନ୍ଦା ସାରଗାଁର ୬୦ ବର୍ଷୀୟ କୈଳାସ ପ୍ରଧାନ।ସୂଚନା ଅନୁଯାୟୀ, ଗାଁର କିଛି ମହିଳା ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ମାନବ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ହାଡ଼ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପରେ ସେମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସୂଚନା ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ ମୃତକ ନିଖୋଜ ହେବା ଦିନ ପିନ୍ଧିଥିବା ଲୁଙ୍ଗି ଓ ବେନିଅନ୍ ମଧ୍ୟ ଜବତ କରାଯାଇଛି। ଶରୀରର ବିଭିନ୍ନ ଅଙ୍ଗ ଅଲଗା ଅଲଗା ସ୍ଥାନରେ ପଡ଼ିଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇପାରେ ବୋଲି ସ୍ଥାନୀୟ ଲୋକମାନେ ସନ୍ଦେହ ପ୍ରକାଶ କରୁଛନ୍ତି। ସାଧାରଣତଃ ସେହି ଜଙ୍ଗଲ ଅଞ୍ଚଳକୁ ଲୋକଙ୍କ ଯାତାୟାତ କମ୍ ଥିବାରୁ ସନ୍ଦେହ ଆହୁରି ଘନୀଭୂତ ହୋଇଛି।ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ଓ ସ୍ପେଶାଲ୍ ସ୍କ୍ୱାଡ୍ ?କୁ ଡକାଯାଇଛି। ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ବୈଜ୍ଞାନିକ ତଦନ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏହି ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକ ଓ ଚର୍ଚ୍ଚାର ପରିବେଶ ସୃଷ୍ଟି ହୋଇଛି। ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ଠିକାଦାରଙ୍କୁ ମାଡ଼ ମାରି ଲୁଟିନେଲ ଲକ୍ଷାଧିକ ଟଙ୍କା ଓ କାର

**ବଣାଇଁ,୭।୬ :** ଠିକାଦାରଙ୍କୁ ମାଡ଼ ମାରିବା ସହ ଲୁଟିନେଲା ଲକ୍ଷାଧିକ ଟଙ୍କା ଏବଂ କାର। ଏପରି ଏକ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଟପରିଆ ନିକଟରେ । ଠିକାଦାର ଯଜ୍ଞ ସିଂ ଗୁରୁତର ଅବସ୍ଥାରେ ମେଡିକାଲ ରେ ଭର୍ତ୍ତି । ଗତକାଲି ରାତିରେ ଯଜ୍ଞ ସିଂ ନିଜ ପ୍ରଜେକ୍ଟ ସାଇଟ୍ ରୁ ଫେରୁଥିବା ବେଳେ ଲିଫ୍ଟ ମାଗିବା ବାହାନାରେ ୪ ଜଣ ଦୁର୍ବୃତ୍ତ କାର କୁ ଅଟକାଇ ଥିଲେ । ଯଜ୍ଞ ଅଟକିବା ପରେ ଦୁର୍ବୃର୍ତ୍ତ ମାନେ ତାଙ୍କୁ ନିସ୍ତୁକ ମାଡ଼ ମାରି କାର ରେ ଥିବା ଲକ୍ଷାଧିକ ଟଙ୍କା ଲୁଟି ନେବା ସହ କାର ଧରି ଚମ୍ପଟ ମାରିଥିଲେ । ପରେ ପୁଲିସ ସବୁ ଆଡ଼େ ନାକା ବନ୍ଦୀ କରିଥିବା ଜାଣି ପରି ଦୁର୍ବୃତ୍ତ ମାନେ ସଦର ଥାନା ସମରଡିହି ଜଙ୍ଗଲ ରାସ୍ତାରେ କାର କୁ ଛାଡି ଫେରାର ମାରିଥିବା ଜଣାପଡ଼ିଛି। ପୁଲିସ ତଦନ୍ତ ଜାରି ରଖିଛି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati